ସକାଳ
THE SAKALA



ଭୋଟ ପାଇଁ ଉତ୍ସାହିତ ଯୁବ ଭୋଟର

# ମତଦାନ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ଓ ଅଧିକାର

ବାଲେଶ୍ୱର, ୨୫।୫(ସମିସ):



ବର୍ତ୍ତମାନ ସବୁଠି କେବଳ ନିର୍ବାଚନୀ ଚର୍ଚ୍ଚା। କେମିତି ରହିବ ଏଥରର ମତଦାନ ଏବଂ କିଏ କାହାକୁ ଭୋଟ୍ ଦେବେ ଏପରି ଚର୍ଚ୍ଚା ବାଲେଶ୍ୱରର ଛକ ଛକରେ ଚାଲିଛି। ବୟସ୍କଙ୍କୁଠୁ ଆରମ୍ଭ କରି ଏଥର ନୂଆ କରି ଭୋଟ ଦେବାକୁ ଥିବା ଯୁବପିଢ଼ିଙ୍କ ମଧ୍ୟରେ ନିର୍ବାଚନ ଓ ମତଦାନକୁ ନେଇ ଭରିରହିଛି ଆଗ୍ରହ ଓ ଉତ୍ସାହ। ଅନ୍ୟପଟେ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ବାଲେଶ୍ୱରରେ ବିଜେଡ଼ି, ବିଜେପି ଏବଂ କଂଗ୍ରେସ ଦଳ ସମେତ ଅନ୍ୟ ଦଳ ପକ୍ଷରୁ ଜୋରଦାର ପ୍ରଚାର ଜାରି ରହିଛି। ଶେଷ ବା ସପ୍ତମ ପର୍ଯ୍ୟାୟରେ ଜୁନ୍ ୧ ତାରିଖରେ ବାଲେଶ୍ୱରବାସୀ ସାଧାରଣ ନିର୍ବାଚନରେ ନିଜର ମତଦାନ କରିବେ। ଏନେଇ ଭୋଟରମାନଙ୍କ ମଧ୍ୟରେ ବେଶ୍ ଆଗ୍ରହ ଓ ଉତ୍ସାହ ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ଅନେକ ଭୋଟର୍ ନିର୍ବାଚନକୁ ନେଇ ବିଭିନ୍ନ ମତପୋଷଣ କରୁଥିବାର ମଧ୍ୟ ଦେଖିବାକୁ ମିଳୁଛି। ସେଥିପାଇଁ ଏବେ ନିର୍ବାଚନ ଓ ପ୍ରାର୍ଥୀ ଚୟନକୁ ନେଇ ସମସ୍ତଙ୍କ ଭିତରେ ଆଗ୍ରହ ଓ ଉତ୍ସାହ ଭରିରହିଛି। ତେବେ କିଛି ସାଧାରଣ ଓ ନୂଆ ଭୋଟରଙ୍କ ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

## କ'ଣ କହୁଛନ୍ତି ଏମାନେ



ସମଗ୍ର ପୃଥିବୀରେ ଯେତେ ଗାଣତାନ୍ତ୍ରିକ ବ୍ୟବସ୍ଥା ଅଛି, ସେ ସବୁଥିରେ ମତଦାନ ପ୍ରକ୍ରିୟା ପ୍ରତ୍ୟେକ ନାଗରିକର ପରମ କର୍ତ୍ତବ୍ୟ ଓ ଅଧିକାର ଉଭୟ। ଲୋକଙ୍କ ସ୍ୱର ହିଁ ଈଶ୍ୱରଙ୍କ ସ୍ୱର ବୋଲାଉଥିବା ଗଣତନ୍ତ୍ରରେ ଯଦି ନିଜେ ଜନସାଧାରଣ ନୀରବ ରହିବେ, ସ୍ୱାଧୀନ ମତପୋଷଣ କରିବାରୁ ବଞ୍ଚିତ ହେବେ ତେବେ ଈଶ୍ୱର ମଧ୍ୟ ନିରୁପାୟ ହେବେ, ଶାସନ ବ୍ୟବସ୍ଥାରେ ବିଭ୍ରାଟ ଦେଖାଯିବ। ସ୍ୱଚ୍ଛ, ନିରପେକ୍ଷ, ଆଦର୍ଶ ଶାସନ ପାଇଁ ପ୍ରତିଟି ନାଗରିକ ନିଜର ନାଗରିକତ୍ୱ ପ୍ରତି ସଚେତନ ହେବା ଉଚିତ୍। ଯେଉଁ ଦେଶର ନାଗରିକ ଯେତେ ସଚେତନ, ନିରପେକ୍ଷ ଓ ସ୍ୱାଭିମାନୀ ସେଇ ଦେଶ ସେତେ ଉନ୍ନତ, ତାର ଭବିଷ୍ୟ ସେତେ ଉଜ୍ଜ୍ୱଳ ଓ ସେଇ ଦେଶର ଶାସନ-ବ୍ୟବସ୍ଥା ସେତେ ଆଦର୍ଶ ସ୍ଥାନୀୟ। ଆସନ୍ତାକାଲି ନିର୍ମଳ ଗଣତନ୍ତ୍ରର ଯେଉଁ ସୁନ୍ଦର-ସୌଧ ଆମେ କଳ୍ପନା କରୁଛୁ ତାର ଇମାରତ ଏଇ ମତଦାନର ବିଶୁଦ୍ଧତା ଉପରେ ହିଁ ନିର୍ଭର କରେ। ବିଭିନ୍ନ ରାଜନୀତିକ ଦଳ ନିଜର ନିର୍ବାଚନୀ ଇସ୍ତାହାର ନେଇ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଆସିଛନ୍ତି। ଜନସାଧାରଣ ସେସବୁକୁ ବୁଝି ବିଚାରି ନିଜର ତଥା ରାଷ୍ଟ୍ରର ଭବିଷ୍ୟତ-ସଚେତନ ହୋଇ ସ୍ୱଚ୍ଛ ତଥା ନିରପେକ୍ଷ ମତଦାନ କରିବା ବାଞ୍ଛନୀୟ।

ଡ. ସନ୍ତୋଷ ନାୟକ, ସହକାରୀ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଅଧିସ୍ନାତକ ଓଡ଼ିଆ ବିଭାଗ, ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ



- ଚଳିତ ନିର୍ବାଚନରେ ମୁଁ ପ୍ରଥମ କରି ମତଦାନ ସାବ୍ୟସ୍ତ କରିବି। ତେଣୁ ମୁଁ ବେଶ୍ ଉତ୍ସାହିତ। ଭାରତ ଭଳି ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ଜଣେ ସଚେତନ ନାଗରିକ ହିସାବରେ ମୁଁ ଜଣେ ଯୋଗ୍ୟ ଓ ଉଚିତ୍ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେବି, ଯେଉଁ ପ୍ରାର୍ଥୀ ଅଞ୍ଚଳ ବାସୀଙ୍କୁ ନିଜ ପରିବାର ଭାବି ସବୁବେଳେ ତାଙ୍କ ବିକାଶ ପାଇଁ ଉଦ୍ୟମ କରୁଥିବେ ଓ ଯେଉଁ ପ୍ରାର୍ଥୀ ଯୁବପିଢ଼ିଙ୍କୁ ଗୁରୁତ୍ୱ ଦେଉଥିବେ ସେମିତି ଜଣେ ପ୍ରାର୍ଥୀଙ୍କୁ ହିଁ ମୁଁ ଗୁରୁତ୍ୱ ଦେବି।

ରାଜୀବ ଲୋଚନ ଦାସ



- ଭାରତ ହେଉଛି ଏକ ଗଣତାନ୍ତ୍ରିକ ଦେଶ। ପ୍ରତ୍ୟେକ ଭାରତୀୟ ତାଙ୍କ ପସନ୍ଦର ଲୋକ, ଯିଏ ସର୍ବଦା ତାଙ୍କ ସୁଖଦୁଃଖ ସମୟରେ ଠିଆ ହେବ, ସମାଜର କିଛି ଉନ୍ନତି କରିବ, ଦେଶର ବିକାଶ କରିବ ସେମିତି ଜଣେ ପ୍ରାର୍ଥୀ ଚୟନ କରନ୍ତି। ଏହି ଚୟନ କରିବାର ପ୍ରକ୍ରିୟାକୁ କୁହାଯାଏ ନିର୍ବାଚନ। ଗୋଟିଏ ଭୋଟ ଆଗାମୀ ୫ ବର୍ଷ ପାଇଁ ବହୁତ୍ ମୂଲ୍ୟବାନ। ଭାରତୀୟ ନାଗରିକ ଭାବରେ ଭୋଟ ଦେଇ ନିଜର ନେତା ବାଛିବା ଆମର ପ୍ରଧାନ କର୍ତ୍ତବ୍ୟ। ଏବେ ଏହି ବିଶାଳ ପର୍ବରେ ସମସ୍ତଙ୍କୁ ଏତିକି ଅନୁରୋଧ ସମସ୍ତେ ନିଜର ମୂଲ୍ୟବାନ ଭୋଟ ସେଇ ମହାନ ପାର୍ଥୀକୁ ଦିଅନ୍ତୁ ଯିଏ ଆମ ବାଲେଶ୍ୱର ତଥା ଆମ ଓଡ଼ିଶାକୁ ଉନ୍ନତି ପଥରେ ଆଗେଇ ନେବେ।

ସାଇ ସୁମିରନ ନାୟକ



- ମୁଁ ପ୍ରଥମ ଥର ପାଇଁ ମତଦାନ କରିବାକୁ ଯାଉଛି। ମନରେ ଯେତେ ଉତ୍ସାହ ସେତେ ଚିନ୍ତିତ ମଧ୍ୟ। ପ୍ରାର୍ଥୀ ଦଳଠାରୁ ବଡ। ସେଥିପାଇଁ ଉତ୍ତମ ପ୍ରାର୍ଥୀ ଚୟନ କରିବା ମୋର ମୂଳ ଲକ୍ଷ୍ୟ। ମୋ ମତରେ କାହାରି କଥାରେ ପ୍ରଲୋଭିତ ହେବା ଉଚିତ ନୁହେଁ। ବରଂ ଯେଉଁ ପ୍ରାର୍ଥୀ ନିଜ ଅଞ୍ଚଳର ଲୋକଙ୍କର ଦୁଃଖ, କଷ୍ଟ ସମୟରେ ତାଙ୍କୁ ସାହାଯ୍ୟ କରିପାରିବ ସେହିପରି ପ୍ରାର୍ଥୀ ଆବଶ୍ୟକ। ଦେଶକୁ ଦୁର୍ନୀତି ଏବଂ ଭ୍ରଷ୍ଟାଚାର ମୁକ୍ତ ନେତାର ଆବଶ୍ୟକତା ରହିଛି। ପ୍ରାର୍ଥୀ କୌଣସି ଦଳରୁ ହୋଇଥିଲେ ବି ଚଳିବ।

ଅମରଜ୍ୟୋତି ପାଣିଗ୍ରାହୀ



ଭାରତର ସବୁଠୁ ବଡ଼ ପର୍ବ ହେଉଛି ନିର୍ବାଚନ ପର୍ବ। ବହୁତ୍ ପ୍ରାର୍ଥୀ ତାଙ୍କର ମାନିଫେଷ୍ଟୋ ନେଇ ମଇଦାନକୁ ଓହ୍ଲାଇଥାଆନ୍ତି। ପ୍ରତ୍ୟେକ ନାଗରିକ ସେମାନଙ୍କ ପାଇଁ ଯିଏ ସୁଖ ଦୁଃଖର ସାଥୀ ହେଇପାରିବ ତାକୁ ଆଗାମୀ ୫ ବର୍ଷ ପାଇଁ ଚୟନ କରନ୍ତି। ଏହି ମହାନ ପର୍ବ ପାଳନ ପାଇଁ ମୁଁ ମଧ୍ୟ ବହୁତ୍ ଖୁସି ଅଛି। ସମସ୍ତ ଆଶାୟୀ ପ୍ରାର୍ଥୀମାନଙ୍କୁ ନିରୀକ୍ଷଣ କରି ଯିଏ ଆମ ମାନଙ୍କ କଥା ବୁଝିବ ତାକୁ ଭୋଟ ଦେବି। ଆଉ ସମସ୍ତଙ୍କୁ ଅନୁରୋଧ ମଧ୍ୟ କରୁଛି କି ସେମାନେ ତାଙ୍କ ମୂଲ୍ୟବାନ ଭୋଟ ସଠିକ୍ ପାର୍ଥୀକୁ ଦିଅନ୍ତୁ। କାରଣ ପ୍ରତ୍ୟେକଟି ଭୋଟ ମୂଲ୍ୟବାନ।

ଜ୍ୟୋତି ପ୍ରକାଶ ଦେ



- ମୁଁ ଏଥର ଦ୍ୱିତୀୟ ଥର ପାଇଁ ମୋର ମତଦାନ ରଖିବି। ଆମ ସାଧାରଣ ଲୋକଙ୍କ ପାଇଁ କିଛି କରିବେ ବୋଲି କିଛି ନେତା ଅଛନ୍ତି ଯେଉଁମାନେ ଭୋଟ ପାଇବା ପୂର୍ବରୁ ବହୁତ ପ୍ରତିଶ୍ରୁତି ଦିଅନ୍ତି, କିନ୍ତୁ ଭୋଟ୍ ମିଳିବା ପରେ ସେମାନେ ଦେଇଥିବା ପ୍ରତିଶ୍ରୁତି ଭୁଲିଯାଆନ୍ତି। ସେମିତି ନେତାଙ୍କୁ ଭୋଟ ଦେବାରେ କୌଣସି ଆବଶ୍ୟକତା ନାହିଁ। ଭୋଟ ତାଙ୍କୁ ମିଳିବ ଯିଏ ଆମ ଭଳି ସାଧାରଣ ତଥା ଯୁବପିଢିଙ୍କ ପାଇଁ କାମ କରିବେ। କିଛି ନୂଆ ପଦକ୍ଷେପ ନେବେ। କଥାରେ କାମରେ କିଛି କରିଦେଖାଇବେ।

ଅନୁପମା ଦାସ ମହାପାତ୍ର

## ଆଜି ମାଟ୍ରିକ ଫଳ, ଉତ୍ସାହିତ ଛାତ୍ରଛାତ୍ରୀ

ବାଲେଶ୍ୱର, ୨୫।୫(ସମିସ): ରବିବାର ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇବ। ସେନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଧିକ ଉତ୍ସାହ ଦେଖାଦେଇଛି। ଚଳିତ ବର୍ଷ ଜିଲ୍ଲାରେ ମୋଟ ୩୨ ହଜାର୧୨୬ଛାତ୍ରଛାତ୍ରୀ ପରୀକ୍ଷା ଦେବ ପାଇଁ ଏନରୋଲଡ ହୋଇଥିଲେ। ସେମାନଙ୍କ ପାଇଁ ମୋଟ୧୮୬ଟି ପରୀକ୍ଷା ସେଂଟର କରାଯାଇଥିଲା। ଏହାବ୍ୟତିତ୧୨ଟି ନୋଡାଲ ସେଂଟର ମଧ୍ୟ କରାଯାଇଥିଲା। ସେଥିମଧ୍ୟରୁ ଚଳିତ ମାଟ୍ରିକ ପରୀକ୍ଷାରେ ମୋଟ ୩୦ହଜାର ୯୪୮ଜଣ ଛାତ୍ରଛାତ୍ରୀ ରେଗୁଲାର ଭାବେ ପରୀକ୍ଷା ଦେଇଥିବା ବେଳେ ୭ଜଣ ଏକ୍ସ ରେଗୁଲାର ରହିଛନ୍ତି। ଏହାଛଡା ୮୦୬ଜଣ ମଧ୍ୟମା ପରୀକ୍ଷା ଦେଇଛନ୍ତି। ଏହି ସମସ୍ତଙ୍କୁ ମିଶାଇ ମୋଟ ୩୨ହଜାର୧୨୬ଜଣ ଛାତ୍ରଛାତ୍ରୀ ରହିଛନ୍ତି।

## ବିଜେପିର ନିର୍ବାଚନୀ ସଭାରେ ଯୋଗଦେଲେ ସ୍ମୃତି ଇରାନୀ




ବାଲେଶ୍ୱର, ୨୫।୫(ସମିସ): ବାଲେଶ୍ୱର ସହରର ଉପକଣ୍ଠସ୍ଥ କୁରୁଡ଼ା ଯାତ୍ରା ପଡ଼ିଆରେ ବିଜେପିର ବିଶାଳ ନିର୍ବାଚନୀ ସଭାରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ବିରୋଧୀଙ୍କ ଉପରେ ବର୍ଷିଛନ୍ତି। ୧ ତାରିଖ ଶନିବାର ଦିନ ବାଲେଶ୍ୱରର ମତଦାତାମାନେ ରେମୁଣା ବାଲେଶ୍ୱର ନୀଳଗିରିର ବିଜେପି ପ୍ରାର୍ଥୀଙ୍କ ସମେତ ଲୋକସଭା ଆସନର ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଭୋଟ ଦେବାକୁ ସେ ଅନୁରୋଧ କରିଥିଲେ। ଏହି ନିର୍ବାଚନୀ ସଭାରେ ସାଂସଦ ପ୍ରାର୍ଥୀ ପ୍ରତାପ ଷଡଙ୍ଗୀ, ବାଲେଶ୍ୱର ସଦର ପ୍ରାର୍ଥୀ ମାନସ କୁମାର ଦତ୍ତ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସମେତ ଜିଲ୍ଲାସ୍ତରୀୟ ଅନ୍ୟ ନେତା ମାନେ ଉପସ୍ଥିତ ଥିଲେ।

## ଭଡ଼ାଘରକୁ ଜବରଦଖଲରେ ରଖିଛନ୍ତି ବିଜେପି ପ୍ରାର୍ଥୀ

ବାଲେଶ୍ୱର, ୨୫।୫(ସମିସ): ଭଡ଼ାଘରକୁ ସଦର ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ମାନସ ଦତ୍ତ ନିଜ ଦଖଲରେ ରଖିଛନ୍ତି। ବାରମ୍ବାର କହିବା ସତ୍ୱେ ସେ ଘର ଛାଡୁ ନାହାନ୍ତି। ମାନସଙ୍କ ବାପା ସ୍ୱର୍ଗତ ମଦନମୋହନ ଦତ୍ତଙ୍କ ସମୟରୁ ଏହି ଘର ବିଜେପି ନିଜ ହେପାଜତରେ ରଖିଛି ବୋଲି ଆଜି ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଘର ମାଲିକ ସନ୍ତୋଷ କୁମାର ଦେ, ସ୍ୱସ୍ତିକ କୁମାର ଦେ, ସୁବର୍ଣ୍ଣା ଦେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ବାଗବୃନ୍ଦାବନ ଅଞ୍ଚଳସ୍ଥିତ ତାଙ୍କ ଘରକୁ ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କୁ ଏକ ହଜାର ଟଙ୍କାରେ ଭଡା ସୂତ୍ରରେ ଦେଇଥିଲେ। ଏବେ ତାଙ୍କ ପୁଅ ମାନସ ଏହି ଘରେ ବିଜେପି କାର୍ଯ୍ୟାଳୟ ଚଳାଉଛନ୍ତି। ତେବେ ତାଙ୍କ ଘରକୁ ଛାଡିବା ପାଇଁ ଯେତେବେଳେ କହିଥିଲେ ତାଙ୍କୁ ତାଙ୍କର ଜାଗା ମିଳିଯିବ ବୋଲି କହିଥିଲେ। ଏପରିକି ୨୦୧୯ ମସିହାରେ ନିର୍ବାଚନରେ ମଦନ ମୋହନ ନିର୍ବାଚନ ଜିତିବା ପରେ ତାଙ୍କୁ ଦେଖା କରିଥିଲେ। ଏହାପରେ ସେତେବେଳେ ମଦନ ମୋହନ ଏବଂ ତାଙ୍କ ପୁଅ ମାନସ ଦୁଇ ଜଣ ଚିଡିଆ ପୋଲ ନିକଟରେ ନିର୍ମାଣ ଧୀନ ଥିବା ଭି-୨କମ୍ପ୍ଲେକ୍ସ ଦେଖାଇ ୫ରୁ ୬ମାସ ସମୟ ମଧ୍ୟରେ କାମ ସରିବା ପରେ ସେଠାକୁ ଚାଲିଯିବୁ ବୋଲି କହିଥିଲେ। ମାତ୍ର ଇତି ମଧ୍ୟରେ ମଦନ ମୋହନଙ୍କ ପରଲୋକ ହୋଇଯାଇଥିଲା। ପରେ ସେମାନେ ଘର ଛାଡିବା କଥା କହିବା ପରେ ସେତେବେଳେ ଉପନିର୍ବାଚନ ଅଛି ନିର୍ବାଚନ ପରେ ଘର ଛାଡିଦେବେ ବୋଲି କହିଥିଲେ। ହେଲେ ୬ମାସ ପରେ ଉକ୍ତ ଘରକୁ ସେମାନେ ଛାଡି ନଥିଲେ। ଏହାଛଡା ଉକ୍ତ ଘରକୁ ତାଙ୍କୁ ବିକ୍ରୀ କରିଦେବା ପାଇଁ କହିଥିଲେ। ଏଣୁ ବର୍ତ୍ତମାନ ମାନସ ଉକ୍ତ ଘରଟିକୁ ହଡ଼ପ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହାଛଡା ସେମାନେ କହିଛନ୍ତି ଯେ, ମାନସଙ୍କ ମା ଉକ୍ତ ଘରେ ପାର୍ଟି ଅଫିସ ଚାଲୁଛି ବୋଲି କହିଥିଲେ।୧୫ଲକ୍ଷ ଟଙ୍କା ଦେଲେ ଘର ଛାଡିବା ପାଇଁ ଚିନ୍ତା କରିବେ ବୋଲି କହିଥିଲେ। ଏହାଛଡା ଲୋକମାନଙ୍କର ବିଦ୍ୟୁତ ବିଲ ବାକି ରହୁଥିବା ତୁରନ୍ତ ସେମାନଙ୍କୁ ବିଦ୍ୟୁତ ବିଚ୍ଛିନ୍ନ କରାଯାଉଥିବା ବେଳେ ସେହି ଘରେ୧ଲକ୍ଷ ୪୦ହଜାର ଟଙ୍କା ବିଦ୍ୟୁତ ବିଲ ବାକି ରହିଛି। ହେଲେ ବିଦ୍ୟୁତ୍ କଟା ଯାଉନାହିଁ। ଏଣୁ ମାନସ ତୁରନ୍ତ ତାଙ୍କ ଘର ସେମାନଙ୍କୁ ଫେରାଇ ଦିଅନ୍ତୁ ବୋଲି ଦାବି କରିଛନ୍ତି। ଏ ନେଇ ମାନସ ଦତ୍ତଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନଥିଲା।

## ଜିଲ୍ଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ କ୍ରିୟାନୁଷ୍ଠାନ କମିଟିର ଦାବି




ବାଲେଶ୍ୱର, ୨୫।୫(ସମିସ): ଜିଲ୍ଲାର ସାମଗ୍ରିକ ଉନ୍ନତ ସ୍ୱାସ୍ଥ୍ୟସେବା ସମ୍ପର୍କରେ ସରକାରୀ ମେଡିକାଲ କଲେଜ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଏଥିରେ କୁହାଯାଇଛି ଯେ ଜିଲ୍ଲାର ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆଗତ କରାଯାଇଥିବା ବେଳେ ଜିଲ୍ଲାରେ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ସାଂସଦ ଓ ବିଧାୟକମାନେ ସେମାନଙ୍କ ନିର୍ବାଚନ ସଭାରେ ନିଜର ମତ ରଖିବା ପାଇଁ କମିଟି ପକ୍ଷରୁ କୁହାଯାଇଛି। ବିଶେଷ କରି ସେମାନେ ଉପସ୍ଥାପିତ କରିଥିବା ଦାବି ହେଉଛି, ଜିଲ୍ଲାରେ ଥିବା ସମସ୍ତ ସଳରକାରୀ ପ୍ରାଥମିକ, ଗୋଷ୍ଠୀ, ଉପଖଣ୍ଡ, ଜିଲ୍ଲା ଚିକିତ୍ସାଳୟ ଓ ମେଡିକାଲ କଲେଜରେ ମଞ୍ଜୁରୀପ୍ରାପ୍ତ ସମସ୍ତ ଡାକ୍ତର, ପ୍ରଫେସର, ବିଶେଷଜ୍ଞ ଓ ସ୍ୱାସ୍ଥ୍ୟ କର୍ମୀ ପଦବୀ ପୂରଣ, ରେମୁଣାରେ ଅବସ୍ଥାପିତ ଥିବା ଫକୀରମୋହନ ମେଡିକାଲ କଲେଜରେ ଶିକ୍ଷାଦାନ ପାଇଁ ସିଟ ସଂଖ୍ୟା ଶହେରୁ ୧୫୦କୁ ବୃଦ୍ଧି କରିବା, ମେଡିକାଲ କଲେଜରେ ଡାକ୍ତରୀ ଶିକ୍ଷାଦାନ ପାଇଁ ସମସ୍ତ ବିଭାଗର ସ୍ନାତକୋତ୍ତର ଶିକ୍ଷାଦାନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ମେଡିକାଲ କଲେଜ ପରିସରରେ ନର୍ସିଂ ଓ ଫାର୍ମାସୀ କଲେଜ କାର୍ଯ୍ୟକ୍ଷମ କରିବା, ମାନସିକ ରୋଗୀ ଓ ପୋଡିଯାଇଥିବା ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ଖୋଲିବା, ମେଡିକାଲ କଲେଜକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସମସ୍ତ ବିଭାଗକୁ ତୁରନ୍ତ ସ୍ଥାନାନ୍ତରିତ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବା ପାଇଁ ଉଦ୍ଦିଷ୍ଟ ବିଭାଗ ଗୁଡିକୁ ଅଧିକ କ୍ରୀୟାଶିଳ କରିବା, ବାଲେଶ୍ୱରରେ ପ୍ରତିଷ୍ଠିତ ଏମସ ହସପିଟାଲକୁ ପୂର୍ଣ୍ଣାଙ୍ଗ କରି ପ୍ରତ୍ୟେକ ଦିନ ବହିଃ ବିଭାଗ ସହିତ ପ୍ରସ୍ତାବିତ ୩ ଶହ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଆୟୁଷ ଓ ଇଏସଆଇ ଡାକ୍ତରଖାନା ନିର୍ମାଣ କାର୍ଯ୍ୟ ତୁରନ୍ତ ସମାପ୍ତ କରି ଏହାକୁ କାର୍ଯ୍ୟକ୍ଷମ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକ୍ଷମ ଥିବା ପେନସନର୍ସ କେବିନ ଗୁଡିକରେ ରୋଗୀମାନଙ୍କୁ ନିୟମିତ ସମସ୍ତ ବିଭାଗର ଡାକ୍ତର ଓ ବିଶେଷଜ୍ଞ ପରିଦର୍ଶନ କରିବା ଆଦି ବିଭିନ୍ନ ବିଭାଗ ଉପରେ ଆଲୋଚନା କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ କ୍ରୀୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ସମ୍ପାଦକ (ଜନସମ୍ପର୍କ) ଗୌରାଙ୍ଗ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ପ୍ରଦୀପ ଦାସ, କାର୍ଯ୍ୟକାରୀ ସଭାପତି ଇଂ. ହୃଷିକେଶ ସାହୁ, ଅତିରିକ୍ତ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ, ଉପଦେଷ୍ଟା କେବଶବଚରଣ ପଣ୍ଡା, ବନମାଳୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼ସାହି ଥାନା ପରିସରରେ ଉତ୍ତେଜନା

ବାରିପଦା, ୨୫।୫(ସମିସ): ମାସେରୁ ଊର୍ଦ୍ଧ୍ୱ ହେବ ନାବାଳିକା ଅପହରଣ ଅଭିଯୋଗର ସମାଧାନ ନହେବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଯାହାକୁ ନେଇ ଥାନାରେ ଗ୍ରାମବାସୀ ଧସେଇ ପଶିଛନ୍ତି। ବଡ଼ସାହି ଥାନା ଅନ୍ତର୍ଗତ ଗ୍ରାମର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଘଟଣାରେ ପୁଲିସର ନିରବତାକୁ ନେଇ ଥାନାରେ ଉତ୍ତେଜନା ପ୍ରକାଶ ପାଇଛି। ଶତାଧିକ ମହିଳା ପୁରୁଷ ଉତ୍ତ୍ୟକ୍ତ ହୋଇ ପୁଲିସର କାର୍ଯ୍ୟକଳାପକୁ ନିନ୍ଦା କରିଛନ୍ତି। ଖବର ପାଇ ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶ ଘଟଣାସ୍ଥଳରେ ପହଞ୍ଚି ଜୁନ ୫ ତାରିଖରେ ନାବାଳିକାକୁ ଖୋଜି ବାହାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି।

ସୂଚନା ଅନୁଯାୟୀ, ଗତ ଏପ୍ରିଲ ୮ରେ ଉକ୍ତ ଅଞ୍ଚଳର ୨ଜଣ ଯୁବକ ନାବାଳିକାଙ୍କୁ ଘର ପାଖରୁ ଏକ ବାଇକ୍‌ରେ ବସାଇ ଅପହରଣ କରି ନେଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଝିଅ ଘରକୁ ନ ଫେରିବାରୁ ସେମାନେ ଖୋଜାଖୋଜି କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଝିଅର କୌଣସି ଖବର ନ ପାଇ ପରଦିନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ବାରମ୍ବାର ଥାନାକୁ ଦୌଡ଼ି ନୟାନ୍ତ ହୋଇଥିବା ବେଳେ ପୁଲିସର ନିରବତାକୁ ନେଇ ଅସନ୍ତୋଷ ତେଜିଥିଲା। ଏଥିପରେ ପୁଲିସର ଅବହେଳା ନେଇ ପରିବାର ଲୋକେ ଏସପି ଓ ପରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗକୁ ଦାୟିତ୍ୱ ଦେଇଥିଲେ। ମାତ୍ର ଅଭିଯୋଗର କୌଣସି ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ବିଭାଗ ପକ୍ଷରୁ ଜିଲ୍ଲା ଏସପିଙ୍କୁ ଚିଠି ମାଧ୍ୟମରେ ଅବଗତ କରି ଚୁପ ବସିଥିଲେ। ତେବେ ବାରମ୍ବାର ଅଭିଯୋଗ ପରେ ଝିଅକୁ ଗତ ବୁଧବାର ସୁଦ୍ଧା ଫେରାଇ ଆଣିବା ପାଇଁ ବଡ଼ସାହି ଥାନାଧିକାରୀ ପରିବାର ଲୋକଙ୍କୁ କହିଥିଲେ। ମାତ୍ର ଝିଅକୁ ନପାଇ ପରିବାର ସମେତ ଶତାଧିକ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଥାନା ପରିସରକୁ ପଶି ଆସି ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ ଏବଂ ଦୀର୍ଘ ଅଢେଇ ଘଣ୍ଟା ଥାନା ବାରଣ୍ଡାରେ ବସି ରହିଥିଲେ। ପରିସ୍ଥିତି ଜଟିଳ ଆଡ଼କୁ ଯିବାର ଦେଖି ବେତନଟିରୁ ଏସଡିପିଓ ସୁଦର୍ଶନ ଦାସ, ବୈଶିଙ୍ଗା ଓ ବେତନଟୀ ଥାନାଧିକାରୀ ବଡ଼ସାହି ଥାନାରେ ପହଞ୍ଚିଥିଲେ। ବଡ଼ସାହି ଥାନାଧିକାରୀ ଉମାଶଙ୍କର ନାୟକ ପହଞ୍ଚି ଉତ୍ତ୍ୟକ୍ତ ଜନତାଙ୍କୁ ବୁଝାସୁଝା କରିଥିଲେ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଡୁଆ ହେବ ଯଶିପୁର ଗସ୍ତ

ବାରିପଦା/ଯଶିପୁର, ୨୫।୫(ସମିସ): କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ମଙ୍ଗଳବାର ଯଶିପୁର ନିକଟସ୍ଥ ଭଞ୍ଜକିଆଠାରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମରେ ଆସିଥିଲେ। ଆସନ୍ତାକାଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯଶିପୁରର ମାହାର୍ଦ୍ଦାପଲସାଠାରେ ବିଜେପି ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାରରେ ଆସୁଛନ୍ତି। କେନ୍ଦ୍ରରେ ୧୦ ବର୍ଷ ଧରି ବିଜେପି ସରକାର ରହିଛି। ବାସ୍ତବରେ ହୋ ଭାଷା ମାନ୍ୟତା ପ୍ରସଙ୍ଗରେ ବିଜେପିର କେନ୍ଦ୍ର ଓ ରାଜ୍ୟ ନେତୃବୃନ୍ଦ ଆଦୌ ଆଗ୍ରହ ଦେଖାଇ ନାହାଁନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ୩ ଥର ହୋ ଭାଷାର ମାନ୍ୟତା ନିମନ୍ତେ କେନ୍ଦ୍ରକୁ ସୁପାରିଶ୍ କରିଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ହୋ ଭାଷାର ମାନ୍ୟତା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଝାଡଖଣ୍ଡର ମୁଖ୍ୟମନ୍ତ୍ରିତ୍ୱ ବେଳେ ୨୦୧୧ରେ ଝାଡ଼ଖଣ୍ଡରେ ହୋ ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ଦିଆଯାଇଛି। ବିଜେପିର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବିଜେପିର କେନ୍ଦ୍ରୀୟ ଏବଂ ରାଜ୍ୟ ନେତୃବୃନ୍ଦ ହୋ ଭାଷାର ସାମ୍ବିଧାନିକ ମାନ୍ୟତା, ଓଡ଼ିଶାରେ ଦ୍ୱିତୀୟ ରାଜଭାଷା ପ୍ରସଙ୍ଗରେ ନିର୍ବାଚନ ପ୍ରଚାର ବେଳେ ସ୍ପଷ୍ଟ ମତ ରଖିବାକୁ ହୋ ଭାଷା ଆନ୍ଦୋଳନର ବରିଷ୍ଠ ନେତା ତଥା ସାମାଜିକ କର୍ମୀ ମନୋରଞ୍ଜନ ତିରିଆ ଆହ୍ୱାନ ଦେଇଛନ୍ତି।

**ହୋ ଭାଷାର ମାନ୍ୟତା ପ୍ରସଙ୍ଗରେ ବିଜେପି ମତ ସ୍ପଷ୍ଟ କରିବାକୁ 'ହୋ ଭାଷା ଆନ୍ଦୋଳନ' ପକ୍ଷରୁ ଦାବି**

## ତାଳସାରୀ ମତ୍ସ୍ୟ ଅବତରଣ କେନ୍ଦ୍ର ଅସୁରକ୍ଷିତ





- ଛାତରୁ ଖସୁଛି ସିମେଣ୍ଟ ପ୍ଲାଷ୍ଟର୍
- ପିଇବା ପାଣି ଓ ଆଲୋକ ବ୍ୟବସ୍ଥା ନାହିଁ
- ଦୁର୍ଦ୍ଦଶା ଭୋଗୁଛନ୍ତି ମତ୍ସ୍ୟଜୀବୀ

ଚନ୍ଦନେଶ୍ୱର, ୨୫।୫ (ସମିସ):

ଭୋଗରାଇ ବ୍ଲକ ତାଳସାରୀ ମତ୍ସ୍ୟ ଅବତରଣ କେନ୍ଦ୍ର ମତ୍ସ୍ୟଜୀବୀଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ଛାତରୁ ପ୍ଲାଷ୍ଟର ଖଣ୍ଡ ଖସୁଥିବା ବେଳେ ଜୁଆର ମାଡ଼ରେ ଜେଟିର ନିମ୍ନଭାଗ ଭାଙ୍ଗିରୁଜି ଗଲାଣି। ଫଳରେ ମତ୍ସ୍ୟଜୀବୀମାନେ ଉକ୍ତ କେନ୍ଦ୍ରରେ ମାଛ ବ୍ୟବସାୟ କରିବା ଓ ନିଜର ଡଙ୍ଗା ପାଇଁ ଜାଲ ମରାମତି କରିବା ପାଇଁ ଅସୁରକ୍ଷିତ ମଣୁଛନ୍ତି।

ସୂଚନା ଅନୁସାରେ, ତାଳସାରୀ ମତ୍ସ୍ୟ ଅବତରଣ କେନ୍ଦ୍ରକୁ ୨୦୦୩ ମସିହା ଅପ୍ରେଲ ୪ ତାରିଖରେ ତତ୍କାଳୀନ ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ରାଷ୍ଟ୍ରମନ୍ତ୍ରୀ ତଥା ଏବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଥିଲେ। ଦୀର୍ଘ ୨୦ବର୍ଷ ମଧ୍ୟରେ ଉକ୍ତ ମତ୍ସ୍ୟ ଅବତରଣ କେନ୍ଦ୍ରର ମରାମତି କରା ନ ଯିବାରୁ ଏହାର ଜେଟିଟି ଭାଙ୍ଗିରୁଜି ଗଲାଣି। ଆମ୍ଫାନ, ତିତ୍‌ଲି, ଓ ହୁଡହୁଡ଼ ଭଳି ବାତ୍ୟା ଯୋଗୁଁ ଆସିଥିବା ଜୁଆର ମାଡ଼ରେ ଉକ୍ତ ମତ୍ସ୍ୟ ଅବତରଣ କେନ୍ଦ୍ରଟି କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଏହାକୁ ମରାମତି କରିବା ଦିଗରେ ପ୍ରଶାସନ ଧ୍ୟାନ ଦେଇନାହାନ୍ତି। ଏହି କେନ୍ଦ୍ର ଉପରେ ଆଖପାଖ ଅଞ୍ଚଳର ପ୍ରାୟ ୧୦ ହଜାର ମତ୍ସ୍ୟଜୀବୀ ନିର୍ଭର କରୁଛନ୍ତି। ଏହାସତ୍ତ୍ୱେ ଏଠାରେ ଶୌଚାଳୟ, ପିଇବା ପାଣିର ବ୍ୟବସ୍ଥା, ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା ହୋଇନି। ଏ ନେଇ ମତ୍ସ୍ୟଜୀବୀମାନେ କ୍ଷୋଭ ପ୍ରକାଶ କରିବା ସହିତ ବାଲେଶ୍ୱର ଜିଲ୍ଲାପାଳ, ୫-ଟି ଅଧକ୍ଷଙ୍କୁ ଅଭିଯୋଗ କରିଛନ୍ତି। ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ତାଳସାରୀ ଗଙ୍ଗାମାତା ଫିସାରମ୍ୟାନ୍ କୋ-ଅପରେଟିଭର ସଭାପତି ସୁରେନ୍ଦ୍ର ଗଙ୍ଗେଇ, ରମେଶ ଦାସ, ରବୀନ୍ଦ୍ର ଲାୟା, ହରିଶ୍ଚନ୍ଦ୍ର ଗଙ୍ଗେଇ ପ୍ରମୁଖ ଦାବି କରିଛନ୍ତି।

### ଆଜି ପ୍ରକାଶ ପାଇବ ଯୁକ୍ତ ଦୁଇ ପରୀକ୍ଷାଫଳ

# ଫଳାଫଳ ଅପେକ୍ଷାରେ ୨୨ ହଜାର ୧୬୩ ଛାତ୍ରଛାତ୍ରୀ

ବାଲେଶ୍ୱର, ୨୫।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷାଫଳ ଆସନ୍ତା ୨୬ ତାରିଖ ଅର୍ଥାତ୍ ଆସନ୍ତା କାଲି ପ୍ରକାଶ ପାଇବ। ଚଳିତବର୍ଷ ଗୋଟିଏ ଦିନରେ ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟର ଫଳାଫଳ ପ୍ରକାଶ ପାଇବ। ଏଥିସହିତ ଉକ୍ତ ଦିନରେ ଧନ୍ଦାମୂଳକ ବିଭାଗର ପରୀକ୍ଷା ଫଳ୍ ମଧ୍ୟ ପ୍ରକାଶ ପାଇବ। ପରୀକ୍ଷା ଫଳ ବାହାରିବା ପରେ ଛାତ୍ରଛାତ୍ରୀମାନେ ବୋର୍ଡ ୱେବସାଇଟ୍ ରେ ନିଜର ଫଳାଫଳ ଜାଣିପାରିବେ। ତେବେ ବାଲେଶ୍ୱର ଜିଲ୍ଲାରେ ଫଳାଫଳ ଅପେକ୍ଷାରେ ୨୨ ହଜାର ୧୬୩ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଏବର୍ଷ ବିଜ୍ଞାନରେ ୮ ହଜାର, କଳାରେ ୧୩ ହଜାର ୧୭ ଏବଂ ବାଣିଜ୍ୟରେ ୧୧୪୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଆସନ୍ତା କାଲି ଅପରାହ୍ଣ ୩ ଘଟିକାରେ ଛାତ୍ରଛାତ୍ରୀ ବୋର୍ଡ ୱେବସାଇଟ୍ ରେ ପରୀକ୍ଷା ଫଳ ଦେଖିପାରିବେ। ଏହାବ୍ୟତୀତ ବିଦ୍ୟାଳୟ ଇ-ସ୍ପେସ୍ ଏବଂ ଡିଜିଲକର୍ ମାଧ୍ୟମରେ ମଧ୍ୟ ସେମାନଙ୍କ ଫଳାଫଳ ଦେଖିପାରିବେ ବୋଲି ସିଏଚଏସ ଇ ବାରିପଦା ଜୋନ୍‌ର ଉପସଚିବ ଜୟଦେବ ପରମାଣିକ ସୂଚନା ଦେଇଛନ୍ତି। ଚଳିତବର୍ଷ ଫେବୃଆରୀ ୧୬ରୁ ମାର୍ଚ୍ଚ ୧୬ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ଯୁକ୍ତ ଦୁଇ ପରୀକ୍ଷା।

ସୂଚନାଯୋଗ୍ୟ, ବାଲେଶ୍ୱରରେ ୧୧୬ଟି ସରକାରୀ ଓ ବେସରକାରୀ ଯୁକ୍ତ ଦୁଇ କଲେଜର ସମୁଦାୟ ୨୨ ହଜାର ୧୬୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଏଥିମଧ୍ୟରୁ ଯୁକ୍ତ ଦୁଇ କଳାରେ ୧୩ ହଜାର ୧୭, ବାଣିଜ୍ୟରେ ୧୧୪୬ ଏବଂ ବିଜ୍ଞାନରେ ୮ ହଜାର ପରୀକ୍ଷା ଦେଇଛନ୍ତି। ଏଥିସହିତ ୬୭ ଜଣ ଧନ୍ଦାମୂଳକ ଶିକ୍ଷାରେ ପରୀକ୍ଷା ଦେଇଛନ୍ତି। ଏଥିପାଇଁ ୬୭ଟି ପରୀକ୍ଷା କେନ୍ଦ୍ର କରାଯିବା ସହ ୧୧ଟି ହବ୍ କରାଯାଇଥିଲା। ୧୧ଟି ହବ୍ ଯଥା ବାଲେଶ୍ୱର ସହରରେ ଫକୀରମୋହନ କଲେଜ ଓ କେକେଏସ୍ କଲେଜ ସମେତ ଭୋଗରାଇର ଆରଆଇଏଚଏସ, ବାଲିଆପାଳର ସୁବର୍ଣ୍ଣରେଖା କଲେଜ, ଜଳେଶ୍ୱରର ଦୀନକୃଷ୍ଣ କଲେଜ, ନୀଳଗିରି କଲେଜ, ମାର୍କୋଣାର ସିମୁଳିଆ କଲେଜ, ସୋରର ଉପେନ୍ଦ୍ରନାଥ କଲେଜ, ଖଇରା କଲେଜ, ବାହାନଗାର ଗୋପାଳପୁର କଲେଜ ପରିସରରେ ପ୍ରଶ୍ନପତ୍ର ରଖାଯାଇଥିଲା। ସୁରକ୍ଷା ପାଇଁ ୨୪ ଘଣ୍ଟିଆ ପୋଲିସ ମୁତୟନ ସହ ସିସିଟିଭି କ୍ୟାମେରା ଲଗାଯାଇ ୱେବ୍ ଟେଲିକାଷ୍ଟିଂ ବ୍ୟବସ୍ଥା କରାଯାଇଥିଲା।

## କୁରୁଡାରେ ୧୭ତମ ଚନ୍ଦନ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର, ୨୫।୫(ସମିସ): ସ୍ଥାନୀୟ କୁରୁଡାଠାରେ ତିନି ଦିନ ବ୍ୟାପୀ ଆଞ୍ଚଳିକ ରାଧାକୃଷ୍ଣଜୀଉ ଚନ୍ଦନ କମିଟି ତରଫରୁ ଚାଲିଥିବା ୧୭ତମ ଚନ୍ଦନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରାର୍ଥୀ ବିଦ୍ୟାସ୍ମିତା ମହାଳିକ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ କୁରୁଡା ସରପଞ୍ଚ ତାପସ ପାଣିଗ୍ରାହୀ ଓ ଜିଲ୍ଲା ପରିଷଦ ସଭ୍ୟ କବିତା ପାଣି ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ସଭାପତି ଗୋପାଳକୃଷ୍ଣ ପଣ୍ଡା ଉପସ୍ଥିତ ଥିଲେ। ଉପଦେଷ୍ଟା ଜଳଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର କୁମାର ମହାନ୍ତି ସଭା କାର୍ଯ୍ୟ ପରିଚାଳନା କରିଥିଲେ। କମିଟିର ସମସ୍ତ ସଭ୍ୟ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଲୀନା ପାଣିଗ୍ରାହୀଙ୍କ ବିୟୋଗରେ ଶୋକସଭା

ବାଲେଶ୍ୱର, ୨୫।୫(ସମିସ): ବିଶିଷ୍ଟ ସମାଜସେବୀ ତଥା ବାଲେଶ୍ୱର ଆଇନ ମହାବିଦ୍ୟାଳୟ ପରିଚାଳନା ପରିଷଦର ସଦସ୍ୟା ଲୀନା ପାଣିଗ୍ରାହୀଙ୍କ ବିୟୋଗରେ



ଆଇନ ମହାବିଦ୍ୟାଳୟ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ନିର୍ଦ୍ଦେଶକ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ବଣପାରିଆସ୍ଥିତ କେମ୍ପସରେ ଆୟୋଜିତ ଶୋକସଭାରେ ବାଲେଶ୍ୱର ଆଇନ ମହାବିଦ୍ୟାଳୟର ଡିନ୍ ଡ. ନଗେନ୍ଦ୍ର କୁମାର ପାଢ଼ୀ, ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ସର୍ବେଶ୍ୱର ସାହୁ, ପରିଚାଳନା କମିଟି ସଦସ୍ୟ ତଥା ଏଡମିନ୍‌ଷ୍ଟ୍ରେଟିଭ୍ ବରସାର ନିକୁଞ୍ଜ ବିହାରୀ ଦାସ, ବରିଷ୍ଠ ଅଧ୍ୟାପକ ଡ. ସନ୍ତୋଷ କୁମାର ରଥ, ଅଧ୍ୟାପିକା କ୍ଷୀରାବ୍ଧି ତନୟା ନନ୍ଦ ଏବଂ ମହାବିଦ୍ୟାଳୟର ସମସ୍ତ ଅଣଶିକ୍ଷକ କର୍ମଚାରୀ ସ୍ୱର୍ଗତ ଲୀନା ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଉକ୍ତ ସଭାରେ ନିର୍ଦ୍ଦେଶକ ମଧୁସୂଦନ ଦାସ ତାଙ୍କର ସ୍ମୃତିଚାରଣ କରି ଆଇନ ମହାବିଦ୍ୟାଳୟ ପ୍ରତି ତାଙ୍କ ଅବଦାନ ସମ୍ପର୍କରେ ମତବ୍ୟକ୍ତ ରଖିଥିଲେ ଏବଂ ତାଙ୍କ ବିୟୋଗ ମହାବିଦ୍ୟାଳୟ ପ୍ରତି ଅପୂରଣୀୟ କ୍ଷତି ବୋଲି କହିଥିଲେ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମହାବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ପକ୍ଷରୁ ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା।

## ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରତିଶ୍ରୁତି ପତ୍ର



ବାଲେଶ୍ୱର, ୨୫।୫(ସମିସ): ଚଳିତ ସାଧାରଣ ନିର୍ବାଚନ ଏବେ ଶେଷ ପର୍ଯ୍ୟାୟରେ ପହଁଚିଲାଣି। ଜୁନ ୧ତାରିଖରେ ଶେଷ ପର୍ଯ୍ୟାୟର ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ବାଲେଶ୍ୱର ଜିଲ୍ଲା ରହିଛି। ତେବେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିଭିନ୍ନ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀମାନେ ନିର୍ବାଚନରେ ଜିତିବା ପରେ କି ପ୍ରକାର କାର୍ଯ୍ୟ କରିବେ ତାହାର ଏକ ପ୍ରତିଶ୍ରୁତି ପତ୍ର ଜାରି କରୁଛନ୍ତି। ଏନେଇ ଆଜି ରେମୁଣା ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ବିଜୟ କୁମାର ସେଠୀ ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନିଜର ପ୍ରତିଶ୍ରୁତି ପତ୍ର ରେମୁଣାବାସୀଙ୍କ ଉଦ୍ଦେଶ୍ୟରେ ଜାରି କରିଛନ୍ତି। ସେ କୃଷି, ବନ୍ୟା ନିୟନ୍ତ୍ରଣ ଓ ଜଳସେଚନର ଉପଯୋଗ ଉପରେ ଗୁରୁତ୍ୱ ଦେଇ ସୋନ, ଗଙ୍ଗହାର ଓ ବୁଢ଼ାବଳଙ୍ଗର ବିଶୟଣ ସ୍ଥଳ କାଠସଙ୍ଗଡାଠାରେ ଅଳ୍ପ ଉଚ୍ଚ ବ୍ୟାରେଜ ନିର୍ମାଣ କରି ଏହାର ଅବବାହିକାରେ ୬ଟି ପଞ୍ଚାୟତର ଚାଷୀଙ୍କ ପାଇଁ ପନିପରିବା, ଚାଷ ଆଦି କାର୍ଯ୍ୟ ପାଇଁ ଉପଲବ୍ଧ କରିବା, କ୍ଷୀରଚୋରା ଗୋପୀନାଥ ମନ୍ଦିର, ଇମାମୀ ଜଗନ୍ନାଥ ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ଓ ଚାନ୍ଦିପୁର ବେଳାଭୂମିକୁ ନେଇ ଏକ ପର୍ଯ୍ୟଟନ କରିଡର ନିର୍ମାଣ କରିବା ଆଦି ବିଭିନ୍ନ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସେଠୀଙ୍କ ସହ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

## ଓଡ଼ିଶା ବିଜ୍ଞାନ ଏକାଡେମୀର ଆଜୀବନ ସଦସ୍ୟ ହେଲେ ଡ. ପଙ୍କଜ ଜେନା

ବାଲେଶ୍ୱର, ୨୫।୫(ସମିସ): ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନରେ ଥିବା ଓଡ଼ିଶା ବିଜ୍ଞାନ ଏକାଡେମୀର ଆଜୀବନ ସଦସ୍ୟ ହେଲେ ଡ. ପଙ୍କଜ କୁମାର ଜେନା। ଏପରି ଏକ



ସୁଯୋଗ ପାଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏଥିପାଇଁ ଡ. ଜେନା ପ୍ରଭୁ ଜଗନ୍ନାଥଙ୍କୁ ସମସ୍ତ ଶ୍ରେୟ ଦେଇଥିବା ବେଳେ ବିଜ୍ଞାନ ବିଭାଗର ସଚିବ, ଓଡ଼ିଶା ବିଜ୍ଞାନ ଏକାଡେମୀର ସେକ୍ରେଟାରୀ ଓ ସଭାପତିଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ବାଲେଶ୍ୱର ବାସୀଙ୍କ ଭଲ ପାଇବା ନିକଟରେ ଚିର ଋଣୀ ବୋଲି କହିଥିଲେ। ପ୍ରକାଶ ଥାଉ କି, ବାଲେଶ୍ୱର ଜିଲ୍ଲାକୁ ବିଜ୍ଞାନ ପ୍ରଚାର ସମିତିରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କୁ ତଥା ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଏ ସମ୍ବନ୍ଧରେ ସରକାରଙ୍କୁ ଚିଠି କରିଛନ୍ତି। ବାଲେଶ୍ୱର ହେଉଛି ଡ. ଏପି ଜ ଅବଦୁଲ କାଲାମଙ୍କ ପ୍ରିୟ ସ୍ଥାନ। ଏଠାରେ ଡ. କାଲାମ ଭାରତ ସରକାରଙ୍କ ପ୍ରତିରକ୍ଷା ବିଭାଗର ଏକ ବିଶେଷ ଅଂଶ ଆଇଟିଆର ତଥା ପିଏକ୍ସଇ ବିଭାଗ ଖୋଲିଛନ୍ତି। ବାଲେଶ୍ୱର ଜିଲ୍ଲାକୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସର୍ବଦା ଆଗକୁ ନେବା ପାଇଁ ଡ. ଜେନା ପ୍ରୟାସ ଜାରି ରଖିଛନ୍ତି। ଡ. କାଲାମଙ୍କ ନାମରେ ଏକ ପ୍ଲାନେଟୋରିୟମ ଓ ବିଜ୍ଞାନ ପାର୍କ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ୨୯ରେ ପ୍ରଧାନମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ



ବାଲେଶ୍ୱର, ୨୫।୫ (ସମିସ) : ଆଜି ଲୋକସଭା କାର୍ଯ୍ୟାଳୟ ମାହେଶ୍ୱରୀ ଭବନ ସଭାଗୃହରେ ବାଲେଶ୍ୱର ସାଂସଦ ତଥା ଚଳିତ ନିର୍ବାଚନର ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆଗାମୀ ୨୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନୀ ପ୍ରଚାର ନିମନ୍ତେ ବାଲେଶ୍ୱର ଆଗମନ ବିଷୟରେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନରହରିପୁର ପଡ଼ିଆରେ ଏକ ଜନସମାବେଶକୁ ଦିବା ୧୨ ଟା ସମୟରେ ସମ୍ବୋଧିତ କରିବେ। ଉକ୍ତ ଜନସଭାରେ ଦୁଇ ଲକ୍ଷରୁ ଅଧିକ ଲୋକ ଯୋଗଦାନ କରିବେ ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହିତ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଲୋକସଭା ସଂଯୋଜକ ଶୁଭଙ୍କର ମହାପାତ୍ର, ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ରାଜ୍ୟ ପ୍ରବକ୍ତା ସୁଦିପ୍ତ ରାୟ, ପ୍ରବକ୍ତା ଠାକୁର ରଣଜିତ ଦାସ, ପ୍ରବକ୍ତା ବିଭୁପଦ ଦାସ୍, କ୍ଷେତ୍ରିୟ ଗଣମାଧ୍ୟମ ସଂଯୋଜକ ସତ୍ୟଜିତ ମିଶ୍ର, ଲୋକସଭା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଓ ସହସଂଯୋଜକ ରଣଜିତ ପୁଷ୍ଟି ଓ ଅନୀଲ ମହାନ୍ତି ଉପସ୍ଥିତ ଥିଲେ।

## ସହରରେ ଛାଇଯାଇଛି ବିଭିନ୍ନ ଦଳର ପତାକା




ବାଲେଶ୍ୱର, ୨୫।୫(ସମିସ): ନିର୍ବାଚନ ସମୟରେ ମାହୋଲ ସମ୍ପୂର୍ଣ୍ଣ ଭିନ୍ନଥାଏ। ସବୁଠାରେ ନିର୍ବାଚନୀ ଚର୍ଚ୍ଚା। ବିଭିନ୍ନ ରାଜନୈତିକ ଦଳମାନେ ଜିତିବା ପାଇଁ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦେଉଥିବା ବେଳେ ବିଭିନ୍ନ ସ୍ଥାନରେ ନିର୍ବାଚନୀ ପ୍ରଚାର ମଧ୍ୟ କରୁଛନ୍ତି। ଏପରି ସ୍ଥିତିରେ ଶେଷ ପର୍ଯ୍ୟାୟ ଅର୍ଥାତ ଜୁନ ୧ତାରିଖରେ ବାଲେଶ୍ୱରରେ ନିର୍ବାଚନ ଅନୁଷ୍ଠିତ ହେବ। ଏଣୁ ପ୍ରଚାରକୁ ମାତ୍ର ଆଉ ୫ଦିନ ରହିଛି। ଏହାରି ମଧ୍ୟରେ ଜିଲ୍ଲାକୁ ବହୁ ନେତାଙ୍କ ଆଗମନ ହେଉଥିବା ବେଳେ ନିର୍ବାଚନ ପ୍ରଚାର କରୁଛନ୍ତି। ଏହାରି ମଧ୍ୟରେ ଦେଖିବାକୁ ମିଳିଛି ଏକ ନିଆରା ଦୃଶ୍ୟ। ବାଲେଶ୍ୱରର ହାର୍ଟ କହିଲେ ବୁଝାଇଥାଏ ଫକୀରମୋହନ ଗୋଲେଇ ପୋଲ। ଏହି ପୋଲ ଏବେ ବିଭିନ୍ନ ପ୍ରାର୍ଥିଙ୍କ ଦଳୀୟ ଚିହ୍ନରେ ସଜେଇ ହୋଇଛି। ଏକାଠି ଦେଖିବାକୁ ମିଳିଛି ବିଜେଡି, କଂଗ୍ରେସ, ବିଜେପି ଓ ସ୍ୱାଧୀନ ପ୍ରାର୍ଥୀମାନଙ୍କ ଦଳୀୟ ଚିହ୍ନର ପତାକା। ପୋଲର ଦୁଇ ପାର୍ଶ୍ୱରେ ପତାକା ଗୁଡିକ ବନ୍ଧା ଯାଇଛି।

## କବି ସୁନୀଲ କୁମାର ପୃଷ୍ଟିଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୨୫।୫(ସମିସ): କବି ସୁନୀଲ କୁମାର ପୃଷ୍ଟି ସମ୍ପାଦନା କ୍ଷେତ୍ରରେ ଥିଲେ ବେଶ୍ କଠୋର। କିନ୍ତୁ କବିତା ଓ ବ୍ୟକ୍ତିସତ୍ତାରେ ସେ ଆଦୌ ଆଗ୍ରେସିଭ୍ ନ ଥିଲେ। ସେ ଥିଲେ ଉଦାର, କୋମଳ ଓ ଭାବପ୍ରବଣ। ନୂଆ କବିଙ୍କ ପାଇଁ ସେ ଜଣେ ପ୍ରଖର ପ୍ରେରଣାଦାୟୀ କବି ଥିଲେ। ନିଜ କବିତାରେ ରୋମାଣ୍ଟିକ ଚେତନାକୁ ଧରି ରଖୁଥିଲେ ବି ସେ ଥିଲେ ସମସାମୟିକ କବିଙ୍କ ଠାରୁ ଭିନ୍ନ। ପ୍ରେମ ଭଲପାଇବା ଓ ବିରହ ବିଷାଦକୁ ନେଇ ସେ ତାଙ୍କ କାବ୍ୟାଦର୍ଶରେ ଥିଲେ ଗଭୀର ଅନ୍ତର୍ଦୃଷ୍ଟିସମ୍ପନ ଓ ନୂଆ ଏକ ଧାରାର ପ୍ରବର୍ତ୍ତକ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ କରିଥିଲେ ଉପସ୍ଥିତ କବିଗଣ। 'ଭଲକବିତାର ଖୋଜ୍' ଆନୁକୂଲ୍ୟରେ ଏହାର ୭୫ତମ ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦାୟ ନେଇଥିବା ବିଶିଷ୍ଟ କବି ସୁନୀଲ କୁମାର ପୃଷ୍ଟିଙ୍କ ପାଇଁ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହିତ ଏହି ଆସରକୁ 'ସୁନୀଲ୍ ସନ୍ଧ୍ୟା' ଭାବରେ ଉତ୍ସର୍ଗ କରାଯାଇଥିଲା। ଏହି ଆସରରେ ପ୍ରଥମେ ଆବାହକ କୃଷ୍ଣ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଦେବା ସହିତ ସୁନୀଲ ପୃଷ୍ଟିଙ୍କ ସମ୍ପର୍କରେ ନିଜସ୍ୱ ଅନୁଭବ କହିଥିଲେ। ପରେ କବି ଶ୍ରୀଦେବ, ଗାଳ୍ପିକ ଓ କବି ଗଙ୍ଗାଧର ବିଶ୍ୱାଳ, କବି ପ୍ରଶାନ୍ତ ଦାସ, କବି ସିତାଂଶୁ ଲେଙ୍କା, କବି ଓ ଗାଳ୍ପିକା ଦେବଯାନୀ ଦାସ, କବି ଓ 'ସେଇଠୁ ଆରମ୍ଭ'ର ସମ୍ପାଦକ ଶୁଭେନ୍ଦୁ ଦାସ, କବି ଓ ଅଧ୍ୟାପକ ଦିଲୀପ କୁମାର ଦାସ ଏବଂ କବି ଉତ୍ପଳ ମହାନ୍ତି ପ୍ରମୁଖ ଶୋକବ୍ୟକ୍ତ କରିବା ସହିତ କବି ସ୍ୱର୍ଗତ ପୃଷ୍ଟିଙ୍କ କବିତା ବହିରୁ ଭିନ୍ନ ଭିନ୍ନ କବିତା ପାଠ କରିଥିଲେ। ପଠିତ କବିତା ଗୁଡିକୁ ଉପସ୍ଥିତ କବିମାନେ ଆଲୋଚନା କରିବା ସହ କବି ସୁନୀଲଙ୍କୁ ଏ କବିତା ହିଁ ଅମର କରି ରଖିବ ବୋଲି କହିଥିଲେ। ଅନ୍ୟତମ ଆବାହକ ଉତ୍ପଳ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



## ଘରକୁ ଘର ବୁଲି ପ୍ରଚାର ଅଭିଯାନ



ବାଲେଶ୍ୱର, ୨୫।୫(ସମିସ): ଶେଷ ପର୍ଯ୍ୟାୟରେ ବାଲେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନକୁ ଆଉ ମାତ୍ର ସପ୍ତାହେ ବାକି ରହିଛି। ବିଭିନ୍ନ ରାଜନୈତିକ ଦଳ ସମେତ ପ୍ରାର୍ଥୀମାନେ ସେମାନଙ୍କର ପ୍ରଚାର ଅଭିଯାନକୁ ତ୍ୱରାନ୍ୱିତ କରିଛନ୍ତି। ସଦର ନିର୍ବାଚନମଣ୍ଡଳୀ ପାଇଁ ବିଜେପି ପ୍ରାର୍ଥୀ ମାନସ କୁମାର ଦତ୍ତ ବାଲେଶ୍ୱର ପୌରାଞ୍ଚଳ ଅନ୍ତର୍ଗତ ୧୧ନଂ ୱାର୍ଡରେ ଘରକୁ ଘର ବୁଲି ଲୋକଙ୍କୁ ଭେଟିବା ସହିତ ସେମାନଙ୍କ ସମର୍ଥନ କାମନା କରିଛନ୍ତି। ଟାଉନ ଥାନା ନିକଟରୁ ବାହାରି ୧୧ନଂ ୱାର୍ଡର ଲୋକଙ୍କୁ ଭେଟି ଶ୍ରୀ ଦତ୍ତ ଭୋଟ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, ଗଙ୍ଗାଧର ରାଉତ, ମଣ୍ଟୁ ପେରିୱାଲ, ରାଜେନ୍ଦ୍ର ଚାଟାର୍ଜୀ, ଧୀରଜ ମହାନ୍ତି, ଅବିନାଶ ସେଠୀ, ସସ୍ମିତା ଦାଶ, ସସ୍ମିତା ଶୁକ୍ଲା, ବିଜୟ ପୃଷ୍ଟି, ସଞ୍ଜୀବ ପ୍ରଧାନ, ଚିତ୍ତରଞ୍ଜନ ଦତ୍ତ ପ୍ରମୁଖ ଏହି ପ୍ରଚାର ଅଭିଯାନରେ ସାମିଲ ହୋଇଥିଲେ।

# ବାଲେଶ୍ୱର ଜିଲ୍ଲା ବାରିକ ସମ୍ମିଳନୀ




ବାଲେଶ୍ୱର, ୨୫।୫(ସମିସ): ନିଖିଳ ଉତ୍କଳ ବାରିକ ସମିତି ଓ ଜିଲ୍ଲା ବାରିକ ସମିତି ଆନୁକୂଲ୍ୟରେ ସ୍ଥାନୀୟ କାର୍ଯ୍ୟାଳୟଠାରେ ବାଲେଶ୍ୱର ଜିଲ୍ଲା ବାରିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବାରିକ ସମିତି ସଭାପତି ଅରବିନ୍ଦ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ହେମନ୍ତ ବାରିକ ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପସଭାପତି କୁଳମଣି ବାରିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା କାର୍ଯ୍ୟକାରୀ ସଭାପତି ପରମାନନ୍ଦ ବାରିକ, ଉପସଭାପତି ଜ୍ୟୋତିପ୍ରକାଶ ବାରିକ ମଞ୍ଚାସୀନ ହୋଇଥିଲେ। ଶତାଧିକ ବାରିକ ଭାଇମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ସମ୍ପାଦକ ଶୁଭ୍ରଲୋଚନ ବାରିକ ମୁଖ୍ୟ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ହରେକୃଷ୍ଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱନାଥ ବାରିକ, ମନୋଜ ବାରିକ, ରମାକାନ୍ତ ବେଜ, ସନ୍ତୋଷ ବାରିକ, ରାଜେନ୍ଦ୍ର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାତ୍ରପଡ଼ାରେ ବିଜେଡିର ମାରାଥନ ପ୍ରଚାର

ବାଲେଶ୍ୱର, ୨୫।୫(ସମିସ): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୬ନଂ ଜୋନର ପାତ୍ରପଡ଼ା ପଞ୍ଚାୟତରେ ବିଜେଡିର ସାଂସଦ ପ୍ରାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଏବଂ ସଦର ବିଧାୟକ ସ୍ୱରୂପ ଦାସ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସୁଶାସନକୁ ପୁଣି ଥରେ ଓଡ଼ିଶାରେ ସୁନିଶ୍ଚିତ କରିବା ପାଇଁ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଆଶିର୍ବାଦ କରିବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ପ୍ରାର୍ଥିଙ୍କୁ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ



ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ଅଧ୍ୟକ୍ଷ ସୁନିତା ବେହେରା, ପଞ୍ଚାୟତର ସରପଞ୍ଚ ଅଞ୍ଜନା ଦାସ, ସହିତ ସଭ୍ୟା ଆରତୀ ମାଝୀ ଏବଂ ଓଡିଆ ଅଭିନେତା ଶୁଭାଶିଷ, ଅଭିନେତ୍ରୀ ଲିପ୍ସା ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

# ଚନ୍ଦନେଶ୍ୱରରେ ବିଜେଡିର ଯୁବ ସମ୍ମିଳନୀ



ଚନ୍ଦନେଶ୍ୱର, ୨୫।୫(ସମିସ):

୨୦୨୪ ସାଧାରଣ ନିର୍ବାଚନକୁ ନେଇ ତିନୋଟି ଦଳ ପକ୍ଷରୁ ଭୋଗରାଇରେ ଜୋରଦାର ପ୍ରଚାର ଓ କର୍ମୀ ସମ୍ମିଳନୀ ମାନ ଚାଲିଛି। ସେଥିପାଇଁ ଆର୍ଶୀବାଦ ଶୋଭାଯାତ୍ରା, ଷ୍ଟାର ପ୍ରଚାରକ ଆଦି ଯୋଗଦେଇଥିବା ଏବଂ ଘରକୁ ଘର ବୁଲି ପ୍ରଚାର ଅଭିଯାନ ଆଦି ଦେଖିବାକୁ ମିଳୁଛି। ଶୁକ୍ରବାର ରାତି ୮ରେ ଯୁବନେତା ଭୋଗରାଇ ବିଜୁ ଯୁବ ବାହିନୀର ଉପସଭାପତି ଅଭିଜିତ ପଣ୍ଡା (ପିକଲୁ)ଙ୍କ ନେତୃତ୍ୱରେ ପାଖାପାଖି ୮୦୦ଶହ ଯୁବଗୋଷ୍ଠୀଙ୍କ ଉପସ୍ଥିତିରେ ହୁଗୁଳି ପଞ୍ଚାୟତ ଅଧୀନ ଚନ୍ଦନେଶ୍ୱରଠାରେ ଏକ ନିର୍ବାଚନୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ହୁଗୁଳି ପଞ୍ଚାୟତ ସମିତି ସଦସ୍ୟ ଗୋବିନ୍ଦ ଦାସ ସଞ୍ଚାଳନ କରିଥିବା ବେଳେ ଏଥିରେ ଭୋଗରାଇ ବିଜେଡି ବିଧାୟକ ପ୍ରାର୍ଥୀ ଗୈତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବିର କୁମାର ଗିରି, ଜିଲ୍ଲା ବିଜେଡି ଉପସଭାପତି ତଥା ଶଙ୍ଖାରୀ ସେବା ସମବାୟ ସମିତିର ସଭାପତି ତପନ କୁମାର ପଣ୍ଡା, କଖଡା ପଞ୍ଚାୟତ ସମିତି ସଦସ୍ୟାଙ୍କ ପ୍ରତିନିଧି ଅର୍ଜୁନ ପ୍ରହରାଜ, ଆଶିଷ ଦାସ, ସାମ୍ବାଦିକ ସୁବାସ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ନିର୍ବାଚନରେ ହୁଗୁଳି, ବାଜିତପୁର, ସାହାବାଜିପୁର, ଗୋଛିଦାତେଘରୀ ଆଦି ପଞ୍ଚାୟତର ବିଜେଡିର ଯୁବଗୋଷ୍ଠୀ ସକ୍ରିୟ। ଷଷ୍ଠ ଥରପାଇଁ ପୁଣି ଭୋଗରାଇରେ ଶଙ୍ଖ ବାଜିମାତ କରିବ ବୋଲି ସମ୍ମିଳନୀରେ ଦୃଢୋକ୍ତି ପ୍ରକାଶ ପାଇଥିଲା। ତେବେ ୫୦ ପଞ୍ଚାୟତକୁ ନେଇ ଗଠିତ ଭୋଗରାଇ ବିଧାନସଭା କ୍ଷେତ୍ର ବିଜେଡିର ଗଡ଼ରେ ୧୯୯୦ ଜନତା ଦଳ ପାଖରୁ କ୍ରମାନ୍ୱୟରେ ବିଜୁ ଜନତା ଦଳର ବିଜୟ ହୋଇ ଆସୁଥିବା ସହିତ ଭୋଗରାଇ ବିଜେଡିର ଗଡ଼ ଭାବରେ ପରିଚିତ। ଚଳିତ ନିର୍ବାଚନ ରଣାଙ୍ଗନରେ ବିଜଡି ତରଫରୁ ବିଧାୟକ ପ୍ରାର୍ଥୀ ଭାବେ ଗୌତମବୁଦ୍ଧ ଦାସଙ୍କ ବିଜୟ ଯୁବଗୋଷ୍ଠୀଙ୍କ ପାଇଁ ଶକ୍ତି। ଏଥିସହିତ ବିଜୁ ଜନତା ଦଳ ତଥା ଓଡ଼ିଶା ସରକାରଙ୍କ ଯୁବଗୋଷ୍ଠୀଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା, ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯିବା ସହିତ ଶଙ୍ଖ ଚିହ୍ନରେ ଭୋଟ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ଜିତାଇ ଓଡ଼ିଶାର ପ୍ରଗତି ପଥକୁ ସୁଗମ କରିବାପାଇଁ ନିବେଦନ କରାଯାଇଥିଲା। ସମଗ୍ର ଭୋଗରାଇ ନିର୍ବାଚନ ମଣ୍ଡଳୀର ଉନ୍ନତିକୁ ଦ୍ୱିଗୁଣିତ କରିବା ପାଇଁ ଭୋଗରାଇ ବିଧାୟକ ପ୍ରାର୍ଥୀ ଗୌତମ ବୁଦ୍ଧ ଦାସଙ୍କୁ ଏବଂ ସାଂସଦ ପ୍ରାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଥର ଥର କରି ୨ଥର ଶଙ୍ଖ ଚିହ୍ନରେ ବଟନ୍ ଦବାଇ ଭୋଗରାଇର ବିକାଶକୁ ଆଗେଇ ନେବା ପାଇଁ ସମସ୍ତଙ୍କର ଆଶୀର୍ବାଦ, ସମର୍ଥନ ଏବଂ ସହଯୋଗର ହାତ ବଢ଼ାଇବା ପାଇଁ ଆହ୍ୱାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ବିଭୁତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ତାଳସାରି ସାମୁଦ୍ରିକ ମତ୍ସ୍ୟଜୀବୀ ସମବାୟ ସମିତିର ସଭାପତି ସୁରେନ୍ଦ୍ର ଗଙ୍ଗାଇ, ଚୈତନ୍ୟ ସେନ, ସମାଜସେବୀ ପ୍ରବିର କୁମାର ଦାସ, ଭବେନ୍ଦ୍ର ସାହୁ, ଅଶ୍ୱିନୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ବିପୁଳ ମଦ ଜବତ, ୫ ଗିରଫ




ନୀଳଗିରି, ୨୫।୫(ସମିସ): ଆଜି ଜଳେଶ୍ୱର ସାଟେଲାଇଟ ଟିମ ଏବଂ ନୀଳଗିରି ଅବକାରୀ ବିଭାଗର ମିଳିତ ଚଢ଼ାଉରେ ବିପୁଳ ପରିମାଣରେ ଦେଶୀ ବିଦେଶୀ ମଦ ସହିତ ପାଞ୍ଚ ଜଣ ମଦ ବେପାରୀଙ୍କୁ ଗିରଫ କରାଯାଇଥିବା ବେଳେ ପୃଥକ ମାମଲା ରୁଜୁ କରାଯାଇ କୋର୍ଟ ଚଲାଣ କରାଯାଇଛି। ବିବରଣୀ ଅନୁଯାଇ ନିକଟରେ ନିର୍ବାଚନ ଥିବା ବେଳେ ଅବକାରୀ ବିଭାଗ ଏବେ ଚୋରା ମଦ ବେପାରକୁ ଲଗାମ ଦେବା ପାଇଁ ତନାଘନା ଜୋରଦାର କରିଛି। ଏହି ପରିପ୍ରେକ୍ଷୀରେ ନୀଳଗିରି ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ନୀଳଗିରି ଏନଏସି ଅନ୍ତର୍ଗତ ସାନଅତାର ନରେନ୍ଦ୍ର ଧାଉଁଡ଼ିଆଙ୍କ ଘରୁ ୩୦ ଲିଟର ଦେଶୀ ମହୁଲି ମଦ, ଘାଟଘରସାହି ର ଭବାନୀଶଙ୍କର ଙ୍କ ଘରୁ ୪୦ଲିଟର ମହୁଲି ମଦ, ଗୁଡିଖାଣିଆର ବାଞ୍ଛା ମାଝୀ ଘରୁ ୨୮ ଲିଟର ଦେଶୀ ମହୁଲି ମଦ, ନିମପାଳ ଅଞ୍ଚଳ ଦୁର୍ଗାପୁର ଗ୍ରାମ ଅନନ୍ତ ନାୟକ ଙ୍କ ଘର ବାଡ଼ି ଏବଂ ପ୍ରତାପ ପୃଷ୍ଟିଙ୍କ ଘରୁ ମିଶି ୧୪ଲିଟର ବିଦେଶୀ ମଦ, ୮୦ ଲିଟର ବିୟର, ଓ ୩ଶହ ଲିଟର ଦେଶୀ ମହୁଲି ମଦ ଧରା ଯିବା ସହିତ ଉକ୍ତ ୫ଜଣଙ୍କ ନାମରେ ପୃଥକ ପୃଥକ ମାମଲା ରୁଜୁ କରାଯାଇ ଥିବା ବେଳେ ବେଲ ନାମଂଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠେଇ ଦିଆ ଯାଇଛି। ଏହି ଚଢ଼ଉ ବେଳେ ଜଳେଶ୍ୱର ଅବକାରୀ ବିଭାଗର ସାର୍ଟେଲାଇଟ ଟିମ୍‌ର ଲକ୍ଷେସାଧବ ପ୍ରଧାନ, ନୀଳଗିରି ଅବକାରୀ ଓ.ଆଇ. ସି. ଜଗନ୍ନାଥ ବେହେରା ଏବଂ ସମସ୍ତ କର୍ମଚାରୀ ସାମିଲ ଥିଲେ।

**● ସିମୁଳିଆ ପାଇଁ ନିଜର ଇସ୍ତାହାର ଘୋଷଣା କଲେ ସୁବାସିନୀ**

# ଜୋନ୍ ସ୍ତରରେ ବୃଦ୍ଧାଶ୍ରମ ଓ ବ୍ଲକସ୍ତରରେ କୌଶଳ ବିକାଶ କେନ୍ଦ୍ର



ଖଇରା, ୨୫।୫(ସମିସ): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥିନୀ ସୁବାସିନୀ ସାହୁ ଓ ବିଜେଡିର ବରିଷ୍ଠ ନେତା ମାନେ ନିଜସ୍ୱ ଇସ୍ତାହାର ଘୋଷଣା କରିଛନ୍ତି। କୁରୁଣ୍ଟା ପଞ୍ଚାୟତର କଳିହାଠାରେ ଆୟୋଜିତ କର୍ମୀ ସମାବେଶରେ ରାଜ୍ୟ ସଂସ୍କୃତି ଓ ମାନବ ସମ୍ବଳ ବିକାଶ ସମ୍ପାଦକ ଶଶି କୁମାର ସାହୁ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ସୁରେନ୍ଦ୍ର ବାରିକ, ଜ୍ୟୋତି ରଞ୍ଜନ ପାଢ଼ୀ ପ୍ରମୁଖ ଇସ୍ତାହାରକୁ ଲୋକର୍ପିତ କରିଛନ୍ତି। ଇସ୍ତାହାରରେ ଦେଇଥିବା ପରିକଳ୍ପିତ ଯୋଜନା ମଧ୍ୟରେ ଜୋନ ସ୍ତରରେ ବୃଦ୍ଧାଶ୍ରମ ମହିଳା ମାନଙ୍କ ପାଇଁ ଖାଦ୍ୟ ପ୍ରକ୍ରିୟା କରଣ ଶିଳ୍ପ ପ୍ରତିଷ୍ଠା, ଯୁବତୀ ଯୁବକଙ୍କ ପାଇଁ କୌଶଳ ବିକାଶ କେନ୍ଦ୍ର, ଜୋନ ସ୍ତରରେ ଇନଡୋର ଷ୍ଟାଡିୟମ, ଜିମ୍ ଓ ସୁଇମିଂ ପୁଲ, ବ୍ଲକ ସ୍ତରରେ ବୃତ୍ତି ପରାମର୍ଶ କେନ୍ଦ୍ର, ପ୍ରତି ପଞ୍ଚାୟତରେ ଡିଜିଟାଲ ଲାଇବ୍ରେରୀ ଓ ଶିଶୁ ଉଦ୍ୟାନ, ଶାରିଶୁଆ ପାହାଡରେ ପାଦଦେଶରେ ଔଷଧୀୟ ବୃକ୍ଷ ଉଦ୍ୟାନ ପ୍ରତିଷ୍ଠା ଆଦି ପ୍ରତିଶୃତି ଦିଆଯାଇଥିବା ବିଷୟରେ ନେତୃବୃନ୍ଦ ଉଲ୍ଲେଖ କରିଥିଲେ।

# ପୂର୍ବତନ ଫୁଟବଲ ଖେଳାଳିଙ୍କ ଅକାଳ ବିୟୋଗ



ନୀଳଗିରି, ୨୫।୫(ସମିସ): ନୀଳଗିରି ବ୍ଲକ ଧୋବାଶିଳା ଗ୍ରାମର ବରିଷ୍ଠ ଫୁଟବଲ ଖେଳାଳି ଗୋପାଳ ସିଂଙ୍କ ଅକାଳ ବିୟୋଗ ହୋଇ ଯାଇଛି। ଗୋପାଳ ଦୀର୍ଘ ଏକ ମାସ ଧରି ପେଟ ରୋଗରେ ଆକ୍ରାନ୍ତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଗତ ୨୩ତାରଖ ଗୁରୁବାର ଦିନ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ତାଙ୍କର ମୃତ୍ୟୁରେ ଅଞ୍ଚଳର ଖେଳପ୍ରେମୀଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି। ଗ୍ରାମକୁ ତାଙ୍କର ପାର୍ଥିବ ଶରୀରକୁ ଅଣାଯିବା ପରେ ଗ୍ରାମ ପରିକ୍ରମା କରାଯାଇଥିଲା। ତାଙ୍କ ଶବାଧାରରେ ବହୁ ଖେଳାଳୀ, ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଯାଇଥିଲେ। ଶେଷକୃତ୍ୟ ଗ୍ରାମ ଶ୍ମଶାନରେ କରାଯାଇଛି। ପିଲାଟି ଦିନରୁ ଖେଳ ପ୍ରତି ତାଙ୍କର ବିଶେଷ ରୁଚି ଥିଲା। ସେ ବିଭିନ୍ନ ଅଞ୍ଚଳକୁ ଯାଇ ଦୁଇ ଶହରୁ ଉର୍ଦ୍ଧ ସ୍ଥାନରେ ଖେଳ ପ୍ରଦର୍ଶନ କରି ଖେଳ ପ୍ରେମୀଙ୍କ ମନକୁ ଜିଣି ପାରିଥିଲେ।

# ସୋରରେ ସ୍ୱାଧୀନ ପ୍ରାର୍ଥୀଙ୍କ ବାଇକ ଶୋଭାଯାତ୍ରା



ସୋର, ୨୫।୫(ସମିସ): ସାଧାରଣ ନିର୍ବାଚନକୁ ଯେତେ ପାଖେଇ ଆସୁଛି ପ୍ରାର୍ଥୀ ମାନେ ପ୍ରଚାରକୁ ଜୋରଦାର କରୁଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ସ୍ୱାଧୀନ ପ୍ରାର୍ଥୀ ରାକେଶ ମଲିକ ବାଇକ ଶୋଭାଯାତ୍ରା କରିବା ସହିତ ବିଭିନ୍ନ ଛକରେ ପଥପ୍ରାନ୍ତ ସଭା ଆୟୋଜିତ ହେଉଛି। ଏହି ଶୋଭାଯାତ୍ରା ଅନନ୍ତପୁର ବଜାରରୁ ବାହାରି ଗୁଡ଼, ଟେଣ୍ଟେଇ, ପାଖର, କୋର୍ଟ ଛକ, ଛତ୍ରପୁର ଛକ, ବାମ୍ଫି ଛକ ଦେଇ କେଦାରପୁର ପଞ୍ଚାୟତ ନୂଆହାଟ ବଜାରରେ ଶେଷ ହୋଇଥିଲା। ଶ୍ରୀ ମଲିକ ବିଭିନ୍ନ ଛକ ମାନଙ୍କରେ ପଥପ୍ରାନ୍ତ ସଭା ମାନ କରି ଟର୍ଚ୍ଚ ଚିହ୍ନରେ ଭୋଟ ଦେଇ ତାଙ୍କୁ ଜିତାଇବା ସହିତ ଭଦ୍ରକ ସାଂସଦ ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କୁ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ଜିତାଇବାକୁ ଲୋକଙ୍କୁ ନିବେଦନ କରିଥିଲେ।

# କାର୍ ସହ ବିଦେଶୀ ମଦ ଜବତ, ଜଣେ ଗିରଫ



ସୋର, ୨୫।୫(ସମିସ): ସୋର ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଏକ ବିଦେଶୀ ମଦ ଭର୍ତି କାର ଜବତ କରାଯିବା ସହିତ ଜଣଙ୍କୁ ଗିରଫ କରାଯାଇଛି। ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ଏସଆଇ ପ୍ରୀତିଜିତ ମହାନ୍ତି, ଅନନ୍ତ ଦାସ ଏଏସଆଇ ନନ୍ଦକିଶୋର ବିଶ୍ୱାଳ ପ୍ରମୁଖ ଉତ୍ତରେଶ୍ୱର ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏକ କାର ସୋରରୁ ଦହିସଡା ଅଭିମୁଖେ ଯାଉଥିବା ବେଳେ ଅଟକାଇ ଥିଲେ। ମାତ୍ର କାରଟି ନ ଅଟକିବାରୁ ପୁଲିସ ତାକୁ ପିଛାକରି ବଡ଼ଖୁରି ନିକଟରେ ଧରିଥିଲେ। ପରେ କାରକୁ ଯାଞ୍ଚ କରିବା ପରେ ସେଥିରୁ ୮୨ ଲିଟର ବିଦେଶୀ ମଦ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଦହିସଡା ଗ୍ରାମର ସିଦ୍ଧାର୍ଥ କୁମାର ବେହେରା(୨୮)କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

# ସାଜନପୁର ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ




ସୋର, ୨୫।୫(ସମିସ): ସୋର ବ୍ଲକ ସାଜନପୁର ପଞ୍ଚାୟତରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ପଞ୍ଚାୟତ ସରପଞ୍ଚ ଅଶ୍ୱିନୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଉପସଭାପତି ଅଶୋକ ନାୟକ, ପଞ୍ଚାୟତ ସଭାପତି ପ୍ରଦୀପ ପଲେଇ, ବ୍ଲକ ଯୁବ ସଭାପତି ମନୋଜ ପାତ୍ର, ଜିଲ୍ଲା ଯୁବ ସମ୍ପାଦିକା ବିଷ୍ଣୁପ୍ରିୟା ମହାନ୍ତି, ଯଦୁନାଥ ଦୀକ୍ଷିତ, କମଳାକାନ୍ତ ତିଆଡ଼ି, ନିରଞ୍ଜନ ନାୟକ, ଅଶୋକ ବାରିକ, ଜିଲ୍ଲା ପରିଷଦ ସଦସ୍ୟ ଜୟରାମ ଦାସ, ମୃତ୍ୟୁଞ୍ଜୟ ଜେନା, ସାଂସଦଙ୍କ ପ୍ରତିନିଧି ଶଙ୍କର୍ଷଣ ବାରିକ, ପ୍ରସନ୍ନ ଜେନା ଏବଂ ବିଧାୟକ ପ୍ରାର୍ଥୀ ମାଧବ ଧଡ଼ା ଯୋଗଦେଇ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବାବଦରେ ଲୋକଙ୍କୁ ସଚେତନ କରାଇବା ସହିତ ଯୋଡି ଶଙ୍ଖରେ ଭୋଟ ଦେଇ ମାଧବ ଧଡ଼ାଙ୍କୁ ବିଧାୟକ ଏବଂ ମଞ୍ଜୁଲତା ମଣ୍ଡଳଙ୍କୁ ଭଦ୍ରକ ସାଂସଦ ଭାବେ ବିପୁଳ ସଂଖ୍ୟାରେ ନିର୍ବାଚିତ କରିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଶେଷରେ ମନୋଜ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଘର ଘର ବୁଲି ଭୋଟ ମାଗିଲେ ସୁକାନ୍ତ

ନୀଳଗିରି, ୨୫।୫(ସମିସ): ନିର୍ବାଚନ ପ୍ରାୟ ଦ୍ୱାର ଦେଶରେ। ଆଉ ସମୟ ନାହିଁ ବିଶେଷ ପ୍ରଚାର ପ୍ରସାର ପାଇଁ। ତେଣୁ ସମୟକୁ ନଷ୍ଟ ନକରି ନୀଳଗିରି ବିଧାନସଭା ଆସନରୁ ବିଜେଡି ବିଧାୟକ ପ୍ରାର୍ଥୀ ଇଂ ସୁକାନ୍ତ ନାୟକ ଆଜି ନୀଳଗିରି ଏନଏସି ର ୧ ନମ୍ବର ୱାର୍ଡ କଦମ ସାହିର ଘରେ ଘରେ ବୁଲି ଦଳୀୟ ଚିହ୍ନ ଧରି ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି। ସେ ଜିତିଲେ ନୀଳଗିରିର ଅଧୁରା କାମ କୁ ସମ୍ପୂର୍ଣ୍ଣ କରିବେ ବୋଲି ଭୋଟର ଭାଇ ଭଉଣୀ ମାନଙ୍କୁ ଭୋଟ ଭିକ୍ଷା ବେଳେ ପ୍ରତିଶୃତି ଦେଇଛନ୍ତି। ତାଙ୍କ ସହିତ ଦଳୀୟ ନେତୃବୃନ୍ଦ ସହଯୋଗ କରିଥିଲେ।

# ନୀଳଗିରି ବିଜେଡିର ମିଶ୍ରଣ ପର୍ବ



ନୀଳଗିରି, ୨୫।୫ (ସମିସ): ବିଜେଡିର ନୀଳଗିରି ବିଧାନସଭାରୁ ବିଧାୟକ ପ୍ରାର୍ଥୀ ଭାବେ ଇଂ ସୁକାନ୍ତ କୁମାର ନାୟକ ଆଜି ତାଙ୍କ କାର୍ଯ୍ୟାଳୟ ରେ ପଣପଣା ଗ୍ରା:ପ: ର ବିଜେଡି ସଭାପତି ସୀତାରାମ ମହାନ୍ତି ଓ ବିଜେଡି ନେତା ଜଗନ୍ନାଥ ଜେନାଙ୍କ ନେତୃତ୍ୱରେ ରଘୁନାଥପୁର ପାଟଣା କଂଗ୍ରେସ ଦଳର ମହିଳା ନେତ୍ରୀ ସରସ୍ୱତୀ ମଲ୍ଲିକ, ଶ୍ରୀମତୀ ମଲ୍ଲିକ, ସେବତୀ ମଲ୍ଲିକ, ବାସନ୍ତୀ ମଲ୍ଲିକ, କାଞ୍ଚନ ମଲ୍ଲିକ ଓ କଂଗ୍ରେସ ନେତା ରବୀନ୍ଦ୍ର ମଲ୍ଲିକ ବିଧିବଦ୍ଧ ଭାବେ ବିଜେଡିରେ ଆଜି ସାମିଲ ହୋଇଛନ୍ତି। ଏ ନେଇ ବିଧାୟକ ସୁକାନ୍ତ ନାୟକ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛା ଦେଇ ଦଳରେ ସାମିଲ କରାଇଥିଲେ। ଏଥିରେ ଦଳ ଅଧିକ ଦୃଢ଼ ହେବ ବୋଲି ଶ୍ରୀ ନାୟକ କହିଥିଲେ।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ



ନୀଳଗିରି, ୨୫।୫ (ସମିସ): ନୀଳଗିରି ବ୍ଲକ ଅଧିନସ୍ଥ ଛତ୍ରପୁର ପଞ୍ଚାୟତର ମଧୁପୁରିଆ ଗ୍ରାମରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ୧୨୦ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ପଣ୍ଡିତ ରଘୁନାଥ ଅଲଚିକି ଲିପି (ଭାଷା)ର ସ୍ରଷ୍ଟା ଥିବାବେଳେ ପଣ୍ଡିତଙ୍କର ଜନ୍ମ ଜୟନ୍ତୀ ରେ ମଧୁପୁରିଆ ଫର, ଏସ୍ କ୍ଲବ୍ ର ଯୁବକଗଣ ପଣ୍ଡିତଙ୍କ ଫଟୋ ଚିତ୍ରରେ ଧୂପ, ଦୀପ, ଫୁଲ, ଚନ୍ଦନ ଲଗାଇ ପୂଜା ଅର୍ଚ୍ଚନା କରିବା ପରେ, ସଂଧ୍ୟା ସମୟରେ ଗ୍ରାମର ଯୁବକ ଯୁବତୀ, କୁନି କୁନି ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି କ୍ଲବ ଉକ୍ତ କାର୍ଯ୍ୟକ୍ରମ କୁ ଦୀର୍ଘ ୩୦ ବର୍ଷ ଧରି ପାଳନ କରିଆସୁଥିବା ବେଳେ କ୍ଲବ୍ ର ସଭାପତି ମିରଜା ସୋରେନ୍, ସମ୍ପାଦକ ବିରେସ କୁମାର ବାସ୍କେ, ସଦସ୍ୟ ରାମଚନ୍ଦ୍ର ମୁର୍ମୁ, ସଞ୍ଜିବ୍ ସୋରେନ୍, ଭୋଲାନାଥ ହେମ୍ବ୍ରମଙ୍କ ସମେତ ବ୍ଲକ ର ବହୁ ସଦସ୍ୟ ଉପସ୍ଥିତ ରହି ମଞ୍ଚ ପରିଚାଳନା କରିବା ସହିତ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

# ନିର୍ବାଚନର ମହାପର୍ବରେ ଲସିର ଆଦର ବେଶି

ବାଲେଶ୍ୱର ୨୫।୫(ସମିସ):



ଖରା ତାତି ସାଙ୍ଗକୁ ନିର୍ବାଚନର ମହାପର୍ବରେ ବାଲେଶ୍ୱର ସହରରେ ବେପାର ଜମୁଛି ଲସି ଦୋକାନୀ ମାନଙ୍କର। ଉଦୁ ଉଦିଆ ଖରା ସାଙ୍ଗ କୁ ଥଣ୍ଡା ଥଣ୍ଡା ଲସି ଗ୍ରାହକଙ୍କୁ ଦେଉଛି ତୃପ୍ତି। ଏପଟେ ନିର୍ବାଚନର ମାହୋଲ ଥିବାରୁ ଲସି ଦୋକାନ ରେ ଭିଡ଼ ଜମୁଥିବା କହିଛନ୍ତି ଲସି ଦୋକାନୀ ପଦ୍ମଲୋଚନ ବେହେରା। ପ୍ରାର୍ଥୀ ମାନେ ପ୍ରତି ଦିନ ନିଜ ନିଜ ସମର୍ଥକ ମାନଙ୍କୁ ନେଇ ନିଜ ନିର୍ବାଚନ ମଣ୍ଡଳୀର ଏ ୱାର୍ଡରୁ ସେ ୱାର୍ଡ ବୁଲି ବୁଲି ପ୍ରଚାର କରୁଛନ୍ତି। ପ୍ରବଳ ଗରମ ଓ ଗୁଳୁଗୁଳି ହେଉଥିବାରୁ ସମର୍ଥକ ମାନଙ୍କୁ ନେଇ ପ୍ରାର୍ଥୀ ମାନେ ଟିକେ ଆଶ୍ୱସ୍ତି ଦେବା ପାଇଁ ପହଞ୍ଚି ଯାଉଛନ୍ତି ଲସି ଦୋକାନ ପାଖରେ। ଲସି ଦୋକାନୀ ପଦ୍ମ ଲୋଚନ କୁହନ୍ତି କି ପୂର୍ବ ଅପେକ୍ଷା ବର୍ତ୍ତମାନ ଟିକେ ଅଧିକ ବ୍ୟବସାୟ ଭଲ ହେଉଛି। ଗ୍ରୀଷ୍ମ ଆରମ୍ଭ ରୁ ଦୈନିକ ଯେତିକି ଲସି ଗ୍ଲାସ ବିକ୍ରି ହେଉଥିଲା। ପ୍ରାର୍ଥିପତ୍ର ଦାଖଲ ପର ସମୟଠାରୁ ନିର୍ବାଚନ ସମୟପାଇଁ ଅଧିକ ଲସି ଗ୍ଲାସ ବିକ୍ରି ହେଉଛି। ଶ୍ରୀ ବେହେରାଙ୍କ ସୂଚନା ଅନୁଯାୟୀ ଯେଉଁଠି ଅନ୍ୟ ଦିନ ଗୁଡିକରେ ହାରା ହାରି ୧୫୦ ଶହ ଲସି ଗ୍ଲାସ ବିକ୍ରି ହେଉଥିଲା। କିନ୍ତୁ ଏବେ ନିର୍ବାଚନ ପାଇଁ ହାରା ହାରି ୮୦ ଗ୍ଲାସରୁ ୧୦୦ ଗ୍ଲାସ ପର୍ଯ୍ୟନ୍ତ ଲସି ଅଧିକ ଲସି ବିକ୍ରି ହୋଇଯାଉଛି। କେବଳ ଲସି ନୁହଁ ଅନ୍ୟ ଥଣ୍ଡା ପାନୀୟ ଏବଂ ମସଲା ସୋଡ଼ା ମଧ୍ୟ ବେଶ ବିକ୍ରି ହେଉଛି ବୋଲି କହିଛନ୍ତି ଶ୍ରୀ ବେହେରା। ଏପଟେ ଦୈନିକ ବ୍ୟବସାୟରୁ ୩ ହଜାର ଟଙ୍କାରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ବାହାରି ପାରୁଛି। ଶ୍ରୀ ବେହେରା ତାଙ୍କ ଲସି ଦୋକାନରେ ଦହି ଲସି, ଚକୋଲାଟେ ଲସି, ରାବିଡି ଲସି ବିକ୍ରି କରୁଛନ୍ତି। ଏହି ଲସି ଗୁଡିକ ର ଦାମ ମଧ୍ୟ ଅଲଗା ଅଲଗା ସ୍ଥିର କରାଯାଇଛି। ଦହି ଲସିର ଦାମ ୩୦ ଟଙ୍କା ଥିବାବେଳେ ଚକୋଲେଟ ଲସି ର ଦାମ ୫୦ ଟଙ୍କା ଏବଂ ରାବିଡି ଲସିର ଦାମ ୭୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ନିର୍ବାଚନ ପ୍ରଚାରରେ ବୁଲୁଥିବା ଲୋକ ମାନେ ମୁଖ୍ୟତଃ ଦହି ଲସି ପିଇବାକୁ ଅଧିକ ପସନ୍ଦ କରୁଛନ୍ତି ବୋଲି କହନ୍ତି ଶ୍ରୀ ବେହେରା। ସକାଳ ସମୟ ଅପେକ୍ଷା ଦ୍ୱିପହର ସମୟରେ ପ୍ରଚାର ସାରି ସମର୍ଥକ ମାନେ ଦଳ ଦଳ ହୋଇ ଅଧିକ ଭିଡ ଜମାଉଛନ୍ତି। ଶ୍ରୀ ବେହେରା କୁହନ୍ତି କି ଦ୍ୱିପହର ସମୟରେ ଅଧିକ ବିକ୍ରି ଭଲ ହେଉଛି। ଏପଟେ ଅନ୍ୟ ଜଣେ ଲସି ବ୍ୟବସାୟୀ ସନ୍ତୋଷ ମଲ୍ଲିକ କୁହନ୍ତି ଚଳିତ ବର୍ଷ ଗ୍ଲାସ ପିଛା ଦର ନ ବଢ଼ିଥିଲେ ମଧ୍ୟ ନିର୍ବାଚନ ପାଇଁ ଅନ୍ୟ ଦିନ ଅପେକ୍ଷା ଭଲ ବ୍ୟବସାୟ ହେଉଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ନିର୍ବାଚନ ପାଇଁ ଲସି ଏବଂ ବିଭିନ୍ନ କିସମର ଥଣ୍ଡା ପାନୀୟ ଓ ମସଲା ସୋଡ଼ା ବେଶ ଆଦର ସାଉଁଟୁଛି ଗ୍ରାହକ ମାନଙ୍କର।

## ବସ୍ତା ନିର୍ବାଚନ ମଣ୍ଡଳୀ

# ୧୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨. ୪୫ ଲକ୍ଷ ଭୋଟର

**ବସ୍ତା ବ୍ଲକ, ୨୫।୫ (ସମିସ):**

ଜୁନ ୧ରେ ସାଧାରଣ ନିର୍ବାଚନ। ଚଳିତ ନିର୍ବାଚନରେ ବସ୍ତା ନିର୍ବାଚନ ମଣ୍ଡଳୀ ରେ ୧୦ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ୧୦ ପ୍ରାର୍ଥୀଙ୍କ ଭାଗ୍ୟ ୨ ଲକ୍ଷ ୪୫ ହଜାର ୬୨୭ ମତଦାତା ନିର୍ଦ୍ଧାରଣ କରିବେ ବୋଲି ଜଣା ପଡ଼ିଛି। ଚଳିତ ନିର୍ବାଚନ ରେ ପ୍ରାର୍ଥୀ ଙ୍କ ବିଜୟମୁକୁଟ ପିନ୍ଧିବାରେ ନୂଆ ମତଦାତାଙ୍କ ଭୋଟ ନିର୍ଣ୍ଣାୟକ ଭୂମିକା ନେବ ବୋଲି ରାଜନୈତିକ ଦଳଙ୍କ ପକ୍ଷରୁ ଆକଳନ କରା ଯାଇଛି। ପ୍ରକାଶ ଯେ ୧୯୯୦ରୁ ୨୦୧୯ ନିର୍ବାଚନ ପର୍ଯ୍ୟନ୍ତ ବସ୍ତା ବିଧାନସଭା ଆସନ ରେ ବିଜେଡି ତାର ଦବଦବା ଜାହିର କରି ଆସିଛି। ଦୀର୍ଘ ୩୫ ବର୍ଷ ଧରି ବସ୍ତାରେ ବିଜେଡିର ନିକଟତମ ପ୍ରତିଦ୍ୱନ୍ଦୀ ଭାବେ କଂଗ୍ରେସ ରହିଥିବା ବେଳେ ବିଜୟର ସ୍ୱାଦ ପାଇ ନାହିଁ। ଚଳିତ ନିର୍ବାଚନ ରେ ବସ୍ତା ଆସନରେ ତ୍ରିମୁଖି ଲଢେଇ ର ସମ୍ଭାବନା ପ୍ରକାଶ ପାଇଛି। ବସ୍ତା - ବାଲିଆପାଳ ବ୍ଲକକୁ ନେଇ ଗଠିତ ବସ୍ତା ନିର୍ବାଚନ ମଣ୍ଡଳୀରେ ୪୫ ଟି ପଞ୍ଚାୟତ ରହିଛି। ବାଲିଆପାଳ ବ୍ଲକରେ ୨୮ ପଞ୍ଚାୟତ ଥିବା ବେଳେ ବସ୍ତା ବ୍ଲକର ୩୧ ପଞ୍ଚାୟତ ମଧ୍ୟରୁ ୧୭ ଟି ବସ୍ତା ନିର୍ବାଚନ ମଣ୍ଡଳୀ ଓ ୧୪ ଟି ପଞ୍ଚାୟତ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ରହିଛି। ୨୦୧୯ ନିର୍ବାଚନରେ ବସ୍ତା ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ର ନିତ୍ୟାନନ୍ଦ ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସର ବିଜନ ନାୟକଙ୍କୁ ୧୧ହଜାର ୮୬୪ ଖଣ୍ଡ ଭୋଟ ରେ ପରାସ୍ତ କରିଥଲେ। ପୂର୍ବ ନିର୍ବାଚନ ମାନଙ୍କ ଠାରୁ ବିଜେପିର ଭୋଟ ବୃଦ୍ଧି ପାଇ ଥିବା ବେଳେ ତୃତୀୟ ସ୍ଥାନ ରେ ରହିଥିଲା। ନୋଟାରେ ୪୧୧ ଖଣ୍ଡ ଭୋଟ ପଡ଼ିଥିବା ବେଳେ ଅନ୍ୟାନ୍ୟ ଦଳ ମିଶି ୨୦୩୨ ଖଣ୍ଡ ଭୋଟ ପାଇଥିଲେ। ଚଳିତ ନିର୍ବାଚନରେ ବସ୍ତାରେ ୨ ଲକ୍ଷ ୪୫ ହଜାର ୬୨୭ ଭୋଟରଙ୍କ ମଧ୍ୟରୁ ବସ୍ତା ୧୭ ପଞ୍ଚାୟତରେ ୮୧ ହଜାର ୭୧୧ ଜଣ ଭୋଟରଙ୍କ ମଧ୍ୟରୁ ୯ ହଜାର ୭୪୦ ନୂଆ ଭୋଟର ପ୍ରଥମ ଥର ପାଇଁ ତାଙ୍କ ମତଦାନ ସାବ୍ୟସ୍ତ କରିବେ। ନୂଆ ଭୋଟରଙ୍କ ମଧ୍ୟରେ ୫୧୬୮ ଜଣ ପୁରୁଷ, ୪୫୭୦ ଜଣ ମହିଳା ଓ ୨ ଜଣ ତୃତୀୟ ଲିଙ୍ଗୀ ଭୋଟର ତାଲିକାରେ ସଂଯୋଗ ହୋଇଛନ୍ତି। ସେହିପରି ବାଲିଆପାଳ ବ୍ଲକରେ ୨୮ ପଞ୍ଚାୟତରେ ମୋଟ ୧ ଲକ୍ଷ ୬୩ ହାଜର ୯୧୬ ଜଣ ଭୋଟର ଥିବା ବେଳେ ୧୮ ହଜାର ୯୦୪ ଜଣ ନୂଆ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ହଜାର ୬୩ ଜଣ ପୁରୁଷ, ୮ ହଜାର ୮୩୯ ଜଣ ମହିଳା ଓ ୨ ଜଣ ତୃତୀୟ ଲିଙ୍ଗୀ ଭୋଟର ତାଲିକାରେ ସଂଯୋଗ ହୋଇଛନ୍ତି। ମୋଟାମୋଟି ଦେଖିବାକୁ ଗଲେ ବସ୍ତା ନିର୍ବାଚନ ମଣ୍ଡଳୀ ରେ ୨୮ ହଜାର ୬୪୪ ନୂଆ ମତଦାତା ଥିବା ସରକାରୀ ସୂତ୍ରରୁ ଜଣା ପଡ଼ିଛି। ନୂଆ ଭୋଟର କେଉଁ ଦଳକୁ ପସନ୍ଦ କରିବେ ନା ପ୍ରାର୍ଥୀ ଦେଖି ଭୋଟ ଦେବେ ତାକୁ ନେଇ ଦଳୀୟ ଆଲୋଚନା ହେଉଛି। ସେହିପରି ବିଜେଡି କଂଗ୍ରେସ ଓ ବିଜେପି କୁ ଛାଡି ଦେଲେ ଅନ୍ୟଦଳ ଓ ସ୍ୱାଧୀନକୁ ମିଶାଇ ୭ ଜଣ ପ୍ରାର୍ଥୀ ଲଢୁଛନ୍ତି।

## କମର୍ଦ୍ଦାରେ ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସଙ୍କ ବାଇକ୍ ଶୋଭାଯାତ୍ରା



**ଭୋଗରାଇ, ୨୫।୫ (ସମିସ):** ନିର୍ବାଚନକୁ ଆଉ ମାତ୍ର ୬ ଦିନ ବାକି ରହିଥିଲା ବେଳେ ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ତାତି ଜୋର ଧରିଛି। ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଜୋର ଧରିଥିଲା ବେଳେ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସ ଗାଁକୁ ଗାଁ ବୁଲି ପ୍ରଚାର କାର୍ଯ୍ୟରେ ତାତି ଭରିଛନ୍ତି। ଶନିବାର ୩୨ ନଂ. ଜିଲ୍ଲା ପରିଷଦ ଜୋନର କସବା କମର୍ଦ୍ଦା ପଞ୍ଚାୟତରେ ବିଶାଳ ବାଇକ ଶୋଭାଯାତ୍ରା ସହିତ ପଥପ୍ରାନ୍ତ ସଭା ମାଧ୍ୟମରେ ଭୋଟରଙ୍କ ସହିତ ଯୋଡି ହୋଇଥିଲେ। କମର୍ଦ୍ଦା ବଜାର ଛକରେ ଏକ ପଥପ୍ରାନ୍ତ ସଭା ପରେ ୩ ଶହରୁ ଅଧିକ ବାଇକ ଶୋଭାଯାତ୍ରାରେ ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସ ବାହାରି କସବା କମର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ କମର୍ଦ୍ଦା, କଣ୍ଟାବଣି, ପୂର୍ବ ଅନଳିଆ, ପଶ୍ଚିମ ଅନଳିଆ, ଖଏର୍ଦ୍ଦା, ଶଗଡ଼ାସାହି, ପାନିଆପଦା, କାନପୁର ଆଦି ଗ୍ରାମ ପରିକ୍ରମା କରିବା ସହିତ ଗାଁର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରି କଂଗ୍ରେସର ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ହାତ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ବିଧାୟକ ପ୍ରାର୍ଥୀ ଶ୍ରୀ ଦାସଙ୍କ ସହିତ ବ୍ଲକ ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ, କସବା କମର୍ଦ୍ଦା ପଞ୍ଚାୟତ ସମିତି ସଦସ୍ୟ କେଶବ ମିଶ୍ର, ୩୨ ନଂ ଜୋନ ସଭାପତି ତଥା ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପାତ୍ର, ମହିଳା ନେତ୍ରୀ ଉମାରାଣୀ ଦାସ, ଯୁବ ନେତା ସତ୍ୟସୁନ୍ଦର ପ୍ରଧାନ ପ୍ରମୁଖଙ୍କ ସହିତ ୱାର୍ଡସଭ୍ୟମାନେ ଏହି ବାଇକ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ଜିଓ ନେଟୱର୍କ ଫେଲ୍, ହନ୍ତସନ୍ତ ଉପଭୋକ୍ତା

**ନୀଳଗିରି, ୨୫।୫(ସମିସ):** ଗତ ଏକ ସପ୍ତାହ ଧରି ନୀଳଗିରିରେ ଜିଓ ନେଟ ୱାର୍କ ସେବା ଦେବାରେ ବିଫଳ ହୋଇଛି। ଜିଓ ରେ ଓଡ଼ିଶାରେ ସର୍ବାଧିକ ଉପଭୋକ୍ତା ବା ଗ୍ରାହକ ଥିବା ବେଳେ ଅଗ୍ରଣୀ ଫର ଜି ଓ ଫାଇଭ ଜି ନେଟୱାର୍କ କୁହାଯାଉଥିବା ଏହି ଜିଓ ନେଟୱାର୍କ ଗତ ଏକ ସପ୍ତାହ ହେଲା ଅତି ନିମ୍ନମାନର ନେଟ ୱର୍କ ପାଇଁ ମୋବାଇଲ ବ୍ୟବହାର କରୁଥିବା ଗ୍ରାହକ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେବାକୁ ପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାଧାପ୍ରାପ୍ତ ସୃଷ୍ଟି ହୋଇଥିବା ଦେଖାଯାଇଛି। ବିଶେଷ କରି ଜିଓ ସିମକାର୍ଡ ଉପଭୋକ୍ତା ମାନେ ଇଣ୍ଟରନେଟରେ କାର୍ଯ୍ୟ କରିବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ମିଳିଛି। କ୍ରୋମ ହେଉ ବା ଗୁଗୁଲ ହେଉ ସବୁଥିରେ କୌଣସି ଜରୁରୀ ତଥ୍ୟ ପଠାଇବାକୁ ହେଲେ ବହୁ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ସମାଧାନ ପାଇଁ ସାଧାରଣରେ ଦାବି ହେଉଛି।

## ହାଟପଦାରେ ବିଜେଡିର ଜନ ଆଶୀର୍ବାଦ ସମାବେଶ




**ଜଳେଶ୍ୱର ବ୍ଲକ, ୨୫।୫ (ସମିସ) :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୀମାନ୍ତ ଗୋବରଘାଟା ପଞ୍ଚାୟତ ସ୍ଥିତ ହାଟପଦାଠାରେ ବିଜୁ ଜନତା ଦଳ ପକ୍ଷରୁ ଜନ ଆଶିର୍ବାଦ ସମାବେଶ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇ ଯାଇଛି। ବିଜେଡି ଯୁବ ନେତା ବିଶ୍ୱଜିତ ପାଳ ମଞ୍ଚ ଆହ୍ୱାନ କରିଥିବା ବେଳେ ଶନିବାର ସନ୍ଧ୍ୟାରେ ଆୟୋଜିତ ସଭାରେ ବ୍ଲକ ବିଜେଡି ସଭାପତି ଦିଲ୍ଲୀପ କୁମାର ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ନେତୃତ୍ୱ ମଧ୍ୟରେ ବିଜେଡି ବାଲେଶ୍ୱର ଲୋକେ ସଭା ସାଂସଦ ପ୍ରାର୍ଥୀନୀ ଲେଖାଶ୍ରୀ ସାମନ୍ତ ସିଂହାର ଯୋଗଦେଇ ନବୀନ ସରକାରଙ୍କ ସମସ୍ତ ଯୋଜନା ଓ ମହିଳାଙ୍କ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଜଳେଶ୍ୱର ବିଜେଡି ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ସ୍ୱଚ୍ଛ ନିର୍ମଳ ନବୀନ ସରକାରଙ୍କୁ ପୁଣି ଥରେ ଦୃଢ଼ ଭାବେ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ମୁଖ୍ୟ ଆକର୍ଷଣ ଭାବେ ନାୟକ ବାବୁସାନ୍ ମହାନ୍ତି ଓ ନାୟିକା ଏଲିନା ସାମନ୍ତରାୟ ସଭାରେ ଯୋଗଦେଇ ଲୋକପ୍ରିୟ ଶୀର୍ଷରେ ଥିବା ନବୀନ ପଟ୍ଟନାୟକ ସରକାରଙ୍କୁ ପୁଣି ଶାସନର ଅଧିଷ୍ଠିତ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରି ମନୋରଞ୍ଜନ ଧର୍ମୀ ସଂଳାପ ଓ ଭାଷଣ ରଖିଥିଲେ। ଅନ୍ୟ ମଞ୍ଚାସୀନ ନେତୃତ୍ୱ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ସମବାୟ ନେତା ତଥା ଗୋବରଘାଟା ପଞ୍ଚାୟତର ବିଜେଡି ସଭାପତି ସୂର୍ଯ୍ୟାନନ୍ଦ ପାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ କୁମାର ଦାସ, ଡିଲର ସଂଘ ରାଜ୍ୟ ସଭାପତି ନଗେନ୍ଦ୍ର ଜେନା, ଅନନ୍ତ ଘୋଷ, ପ୍ରାକ୍ତନ ସରପଞ୍ଚ ଜୀବନ କୃଷ୍ଣ ଗିରି ପ୍ରମୁଖ ମଞ୍ଚାସୀନ ହୋଇ ଯୋଡି ଶଙ୍ଖରେ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଶେଷରେ ସୂର୍ଯ୍ୟାନନ୍ଦ ପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସାହାଡ଼ାରେ ବିଜେପିର ନିର୍ବାଚନୀ ସଭା




**ରାଜଘାଟ, ୨୫।୫ (ସମିସ):** ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାହାଡ଼ା ପଞ୍ଚାୟତରେ ବିଜେପିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରଚାର କମିଟି ଅଧ୍ୟକ୍ଷ ଶ୍ୟାମାପ୍ରସାଦ ବେହେରା ଅଧ୍ୟକ୍ଷତା କରି ମୋଦୀ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରି ଦଳକୁ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ। ଏମପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ ଯୋଗ ଦେଇ ବସ୍ତା ଓ ବାଲିଆପାଳର ଉନ୍ନତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟି ବୋଲି କହିଥିଲେ। ଜିଲା ଉପ ସଭାପତି ପ୍ରଦୀପ ପଣ୍ଡା, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଅଜୟ ସାହୁ, ମଣ୍ଡଳ ସମ୍ପାଦକ ରାଧାକୃଷ୍ଣ ମୈକାପ ପ୍ରମୁଖ ମଞ୍ଚାସିନ ହୋଇଥିଲେ।

## ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

**ବଳରାମପୁର, ୨୫।୫(ସମିସ):** ବାଲିଆପାଳ ଥାନାଦେଭୋଗ ପଞ୍ଚାୟତ ଘଣ୍ଟିଆଡି ଗ୍ରାମର ରଘୁନାଥ ଦଳେଇ (୫୬)ଙ୍କ ଶନିବାର ଅଂଶୁଘାତରେ ମୃତ୍ୟୁ ହୋଇ ଯାଇଛି। ରଘୁନାଥ ସ୍ଥାନୀୟ ସିମୁଳିଆ ମାର୍କେଟରୁ କିଛି ଜିନିଷ ପତ୍ର କିଣିବା ପାଇଁ ଯାଇଥିଲେ। ମାର୍କେଟରୁ ଘରକୁ ଫେରୁଥିବା ବେଳେ ଘଣ୍ଟିଆଡି ଗାଁ ଛକରେ ରାସ୍ତାରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକ ସଙ୍ଗେ ସଙ୍ଗେ ରଘୁନାଥଙ୍କୁ ଇଡକୋ ଛକସ୍ଥିତ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ରଘୁନାଥଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତରୁ ତାଙ୍କର ମୃତ୍ୟୁ ହୋଇ ଥାଇ ପାରେ ବୋଲି ଅନୁମାନ କରାଯାଉଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବିଜେଡିର ଜନ ଆଶୀର୍ବାଦ ସମାବେଶ ଓ ମହାମିଶ୍ରଣ ପର୍ବ

## ଯୋଗ ଦେଲେ ଚଳଚ୍ଚିତ୍ର ଅଭିନେତା ବାବୁସାନ୍ ଓ ଅଭିନେତ୍ରୀ ଏଲିନା



**ଜଳେଶ୍ୱର/ରାଇବଣିଆ, ୨୫।୫(ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମପଞ୍ଚାୟତର ଶାଳୀକୋଠା କାଳୀପୂଜା ହାଟ ପଡ଼ିଆରେ ଆଜି ଅପରାହ୍ନ ୪ ଟା ସମୟରେ ବିଜେଡି ର ଜନ ଆର୍ଶୀବାଦ ସମାବେଶ ସମ୍ମିଳନୀ ଓ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମଞ୍ଚ ପରିଚାଳନା କରିଥିଲେ ଜୀବନବିନ୍ଦୁ ରକ୍ତଦାତା ସଂଯଜକ ମଧୁସୁଧନ ସେନାପତି ଓ ବ୍ଲକ ଅଧକ୍ଷ ମାନସ କୁମାର ଜେନା। ଏହି କାର୍ଯ୍ୟକ୍ରମରେ ବିଜେଡିର ଜଳେଶ୍ୱର ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ଓ ବିଜେଡି ସାଂସଦ ପ୍ରାର୍ଥୀନି ଲେଖାଶ୍ରୀ ସାମନ୍ତ ସିଂହାର ଯୋଗଦେଇ ରାଜ୍ୟସରକାରଙ୍କର ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ ଆଲୋକପାତ କରିଥିଲେ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଗରିବ ଲୋକମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡର ସୁବିଧା ବାବଦରେ ବୁଝାଇଥିଲେ ଏବଂ ନିର୍ବାଚନ ପରେ ବିଜେଡି ସମସ୍ତଙ୍କୁ ଶହେ ୟୁନିଟ ବିଜୁଳି ମାଗଣା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀନୀଙ୍କୁ ଶଙ୍ଖ ଚିହ୍ନ ରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ଏଥିରେ ଯୋଗ ଦେଇଥିଲେ ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ଏଲିନା ଓ ଅଭିନେତା ବାବୁସାନ୍ ମିହାନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ଓ ସାଂସଦଙ୍କୁ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଶେଷରେ ଆର୍ ଆର୍ ପୁର ପଞ୍ଚାୟତର ନନିଗୋପାଳ ଦାସ ଙ୍କ ସହିତ ବହୁ ଲୋକ ବିଭିନ୍ନ ଦଳରୁ ଲୋକେ ଆସି ବିଜେଡି ଦଳରେ ଯୋଗ ଦେଇଥିଲେ। ଉପସ୍ଥିତ ଥିଲେ ଜଳେଶ୍ୱର, ପୌରପାଳିକା ଅଧକ୍ଷ ପ୍ରତିପ କୁମାର୍ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ତପନ ଦାସ, ଜିଲ୍ଲା ପରିଷଦ ଉପାଧକ୍ଷ ଅନୁସୟା ପ୍ରଧାନ, ଜୀବନବିନ୍ଦୁର ସଂଯୋଜକ ମଧୁସୂଦନ, ବ୍ଲକ ଉପାଧକ୍ଷ ସଞ୍ଚିତା ସେନାପତି, ଲେଲିନ ପ୍ରଧାନ ଉପସ୍ଥିତ ଥିଲେ। ଏହା ପରେ ସନ୍ଧ୍ୟା ୭ଘଟିକା ସମୟରେ ଗୋବରଘାଟା ଗ୍ରାମ ପଞ୍ଚାୟତର ମଧ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା ଓ ସିନେ ତାରକାଙ୍କୁ ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଲୋକାର ସମାଗମ ହୋଇଥିଲା।

## ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ



**ଭୋଗରାଇ, ୨୫।୫ (ସମିସ) :** ଭୋଗରାଇ ବ୍ଲକ ଗୁଣସାର୍ଥା ପଞ୍ଚାୟତ ଅନ୍ତର୍ଗତ ହଳଦୀମାଳ ଗ୍ରାମରେ ଭୋଗରାଇ ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ସାନ୍ତାଳୀ ଭାଷା ଲିପି ସ୍ରଷ୍ଟା ତଥା ସାନ୍ତାଳୀ ସମାଜର ଶିକ୍ଷା ଓ ସଚେତନତା ବିକାଶ କ୍ଷେତ୍ରରେ ଜୀବନ ବ୍ୟାପୀ ସଂଗ୍ରାମୀ ଭୂମିକା ଗ୍ରହଣ କରିଥିବା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୯ ତମ ଜୟନ୍ତୀ ଉତ୍ସାହ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ପ୍ରଥମେ ଆଦିବାସୀ ଅଧିକାର ମଞ୍ଚର ପତାକା ଉତ୍ତୋଳନ କରାଯିବା ସହିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ପରେ ଆଦିବାସୀ ମହିଳା ମାନେ ପାରମ୍ପରିକ ଆଦିବାସୀ ବାଦ୍ୟ ଓ ମାଦଳର ତାଳେ ତାଳେ ନୃତ ଓ ସଙ୍ଗୀତ ପରିବେଷଣ କରିଥିଲେ। ଅପରାହ୍ନରେ ଆଦିବାସୀ ଅଧିକାର ମଞ୍ଚର ସଭାପତି କୃଷ୍ଣମୋହନ ମୁର୍ମୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ମୁଖ୍ୟ ଅତିଥି ଭାବେ ମଞ୍ଚର ଉପଦେଷ୍ଟା ତଥା ବିଶିଷ୍ଟ ସମାଜସେବୀ ଚିତ୍ତରଞ୍ଜନ ଦାସ, ମୁଖ୍ୟ ବକ୍ତା ଭାବେ ଭୋଗରାଇ ବରିଷ୍ଠ ନାଗରିକ ବିଚାର ମଞ୍ଚର ସଭାପତି ପଣ୍ଡିତ ଭୃଗୁରାମ କରଶର୍ମା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଅସିତ କୁମାର ଚାନ୍ଦ, ଆଦିବାସୀ ସମାଜ ଶିକ୍ଷା ଓ ସଂସ୍କୃତି ସଂଘ ସଭାପତି ରାମଚନ୍ଦ୍ର କିସ୍କୁ, ଉପ ସଭାନେତ୍ରୀ ପୂର୍ଣ୍ଣିମା କିସ୍କୁ, ଅନ୍ୟତମ କାର୍ଯ୍ୟକର୍ତ୍ତା ମୋହନ ଟୁଡୁ, ଦାଶରଥୀ ମୁର୍ମୁ, ନମିତା ସୋରେନ, ରଘୁ ହାଁସଦା ପ୍ରମୁଖ ଯୋଗ ଦେଇ ରାଜ୍ୟ ତଥା ଦେଶର ସଂସ୍କୃତି କ୍ଷେତ୍ରରେ ସାନ୍ତାଳୀ ସମାଜର ଭୂମିକା ଓ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନ ବ୍ୟାପୀ ସଂଗ୍ରାମ ଓ ସଂଘର୍ଷ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମଞ୍ଚର ସମ୍ପାଦକ ରାମଜିତ ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଭୋଗରାଇ ବ୍ଲକ ଅଞ୍ଚଳରେ ସ୍ଥାୟୀ ଭାବେ ବସବାସ କରୁଥିବା ଶହ ଶହ ଆଦିବାସୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ମନ୍ଦାରସାହି ଓ ସୋହରିଆରେ ବିଜେଡିର ବାଇକ୍ ଶୋଭାଯାତ୍ରା ଓ ନିର୍ବାଚନୀ ସଭା

**ଚୌକି, ୨୫।୫(ସମିସ) :**




ନିର୍ବାଚନ ପାଖେଇ ଆସୁଥିଲା ବେଳେ ଭୋଗରାଇ ନିର୍ବାଚନ ମଣ୍ଡଳୀରେ ବିଜେଡି ତାର ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛି। ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୋହରିଆ ଓ ମନ୍ଦାରସାହି ପଞ୍ଚାୟତରେ ଦଳ ପକ୍ଷରୁ ଆଜି ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ ମାରାଥନ ପ୍ରଚାର କରିଛନ୍ତି। ପ୍ରଥମେ ସୋହରିଆ ପଞ୍ଚାୟତର ରାଇପୁର ଠାରେ ଶହ ଶହ କର୍ମୀ ବାଇକ୍ ଶୋଭାଯାତ୍ରାରେ ବିଧାୟକ ପ୍ରାର୍ଥୀ ଶ୍ରୀ ଦାସଙ୍କୁ ପାଛୋଟି ନେଇ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ସୋହରିଆ ଗ୍ରାମରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋହରିଆ ବିଜେଡି ସଭାପତି ପୂର୍ବତନ ସରପଞ୍ଚ ସର୍ବେଶ୍ୱର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସରୋଜ ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। ମଞ୍ଚରେ ବିଧାୟକ ପ୍ରାର୍ଥୀ ଗୌତମ ବୁଦ୍ଧ ଦାସ ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣ ପୂର୍ବତନ ବିଧାୟକ ସୁସାନ୍ତ ଚାନ୍ଦ, ବ୍ଲକ ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ସରପଞ୍ଚ ଜଗନ୍ନାଥ ସେଠୀ, ସଦସ୍ୟା ସବିତା ସାହୁ ୩୪ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ମହାନ୍ତି ସୋହରିଆ ବିଜେଡି ନେତା ହରିହର ମଣ୍ଡଳ ଓ ସୁବାଷ ଦେ ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ଜନ ହିତକାରୀ ଯୋଜନା ତଥା ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଭୋଗରାଇରେ ଚାଲିଥିବା ବିକାଶ ଧାରାକୁ ନେବା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଣି ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଶଙ୍ଖ ଚିହ୍ନରେ ଦୁଇଟି ଭୋଟ ବିଧାୟକ ପ୍ରାର୍ଥୀ ଗୌତମ ବୁଦ୍ଧ ଦାସ ଏବଂ ସାଂସଦ ପ୍ରାର୍ଥୀନୀ ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଉକ୍ତ ବୈଠକରେ ସୁସିଲ କର, ଖକନ ବାରିକ, ଅନିଲ ସାହୁ, ରାମକୃଷ୍ଣ ପ୍ରଧାନ, ମାଧବ ପ୍ରଧାନ, ପୁଲିନ ବେହେରା, ମୁଭି କର, ଆଦି ବହୁ ସଂଖ୍ୟକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ସେହିପରି ବାଇକ୍ ରାଲିରେ ମନ୍ଦାରସାହି ପଞ୍ଚାୟତ ଅଭିମୁଖେ ହଜାର ହଜାର କର୍ମୀ ଓ ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ ବାହାରି ମନ୍ଦାରସାହି ପଞ୍ଚାୟତ ପରିକ୍ରମା କରିବା ସହ କାଳାହି ଗ୍ରାମର କରଣ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ମନ୍ଦାରସାହି ସଦସ୍ୟା ଲକ୍ଷ୍ମୀନାରାୟଣ ସାହୁ ସଭାପତିତ୍ୱ କରିଥିଲେ। ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରବୀର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଭୁବନାନନ୍ଦ ଦାସ, ହେମନ୍ତ ବେହେରା ପ୍ରମୁଖ ଯୋଗଦେଇ ଷଷ୍ଠ ଥର ପାଇଁ ମାନ୍ୟବର ନବୀନ ପଟ୍ଟନାୟକ ପୁଣି ଥରେ ମୁଖ୍ୟ ମନ୍ତ୍ରୀ ଭାବେ ଶପଥ ନେଉଥିବା ବେଳେ ଏଥର ମିଶନ ଶକ୍ତି ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ୬୦ ବର୍ଷ ପରେ ପେନସନ ଯୋଜନା। ଜୁଲାଇ ମାସରୁ ୧୦୦ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ବିଲ ଛାଡ଼, ଚାଷୀ ମାନଙ୍କ ଜଳନିଷ୍କାସନ ଓ ବନ୍ୟାଜଳ ନିୟନ୍ତ୍ରଣ ପାଇଁ ଶହେ କୋଟି ଟଙ୍କାର ଅର୍ଥ ମଞ୍ଜୁର, ତାଳସାରି ବେଳାଭୂମିରେ ସୌନ୍ଦର୍ଯ୍ୟ କରଣ ଆଦି ବହୁ ଯୋଜନା ଗୁଡିକ କାର୍ଯ୍ୟକାରୀ ହେବାକୁ ଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଉକ୍ତ ବୈଠକରେ ଶ୍ରୀନିବାସ ଗିରି, ଲକ୍ଷ୍ମୀକାନ୍ତ ଦାସ, ପିତାମ୍ବର ଗିରି, ପୂର୍ବତନ ସଦସ୍ୟ ହରିପଦ ସାହୁ, ପରେଶ ଗିରି, ସୁଭଦ୍ରା ଦାସ, ଜୀବନକୃଷ୍ଣ କରଣ, ଗୌତମ ସାହୁ, ଶ୍ୟାମସୁନ୍ଦର ବେଜ, ରସିଦ ମହମ୍ମଦ, ଗୌରାଙ୍ଗ ବେହେରା ପ୍ରମୁଖଙ୍କ ସହିତ ପଞ୍ଚାୟତର ବହୁ ସଂଖ୍ୟକ ନେତା ଓ କର୍ମୀ ଉପସ୍ଥିତ ଥିଲେ।

